ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK | ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.44 Bhubaneswar Thursday, March 24, 2022 | ୨୫ତମ ବର୍ଷ ସଂଖ୍ୟା-୪୪ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ବିଜେଡିରେ ନୀତି ନୈତିକତାର ପାଠ, ଯାଦୁଆ ବିକୁଛି ଯାଦୁ ମଲମ ସଦୃଶ



ଭୁବନେଶ୍ୱର(ଓଡିଶା ରିପୋର୍ଟର): ସମଗ୍ର ରାଜ୍ୟରେ ଆସନ୍ତାକାଲି ଗୁରୁବାର ପୌର ନିର୍ବାଚନ ପାଇଁ ଭୋଟଗ୍ରହଣ ଅନୁଷ୍ଠିତ ହେଉଥିବାବେଳେ ଏବେ ବିଭିନ୍ନ ସ୍ଥାନରେ ବିଜେଡି ପକ୍ଷରୁ ଟଙ୍କା ବଂଟାଯାଉଥିବାର ଭିଡିଓ ପଦାକୁ ଆସିବାରେ ଲାଗିଛି। ଯାହାକୁ ନେଇ ଏବେ ବିଜେପି ଓ ବିଜେଡି ମୁହାଁମୁହିଁ ହୋଇଛନ୍ତି। କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ସହ ସମ୍ପର୍କକୁ ନେଇ ବିବାଦରେ ଥିବା ବିଜେଡି ନେତ୍ରୀ ସୁଲତା ଦେଓ ଏବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଟ୍ୱିଟ୍ ମାଧ୍ୟମରେ ନୀତି ଓ ନୈତିକତାର ପାଠ ପ ?ାଉଥିବା ଦେଖିବାକୁ ମିଳିଛି।ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ଯୋଡା ମ୍ୟୁନିସପାଲଟି ଅଂଚଳରେ ବିଜେଡି ପକ୍ଷରୁ ଭୋଟ୍ ପାଇଁ ଟଙ୍କା ବଣ୍ଟା ଯିବାର ଏକ ଭିଡିଓକୁ ଅଜୟ ଜୋରା ନାମକ ଜଣେ ବ୍ୟକ୍ତି ଟ୍ୱିଟ୍ ମାଧ୍ୟମରେ ସାଂସଦ ଅପରାଜିତାଙ୍କୁ ଅବଗତ କରାଇଥିଲେ। ଏହି ଭିଡିଓ ଉପରେ ଟ୍ୱିଟ୍ ମାଧ୍ୟମରେ ପ୍ରତିକ୍ରିୟା ରଖି ଅପରାଜିତା କହିଥିଲେ ଯେ, ଏହା ଅତ୍ୟନ୍ତ ଦୁଃଖଦ। ବିଜେଡି କେତେ ଅସହାୟ ହୋଇପଡିଛି। ଭୋଟର ଦାମ କିଭଳି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ମଧ୍ୟରେ ପାର୍ଥକ୍ୟ ରହୁଛି। ବିଜେଡି କ'ଣ ଟଙ୍କା ନବାଂଟିଲେ ନିର୍ବାଚନ ଜିତିପାରିବ ନାହିଁ। ଶାସକ ଦଳର ଏନେଇ ଯଥେଷ୍ଟ ଆତ୍ମବିଶ୍ୱାସ ରହିବା ଉଚିତ୍ ବୋଲି ଅପରାଜିତା ଟ୍ୱିଟ୍ ମାଧ୍ୟମରେ ବିଜେପି ସଭାପତି ଜେପି ନଡ୍ଡା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ନବୀନ ପଟ୍ଟନାୟକ, ବିଜେଡି ଓଡିଶା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବା ପରେ ବିଜେଡି ପକ୍ଷରୁ ଦଳର ମୁଖପାତ୍ର ସୁଲତା ଦେଓ ଟ୍ୱିଟ୍ କରି ଅପରାଜିତାଙ୍କୁ ସିଧାସଳଖ ଟାର୍ଗେଟ୍ କରିବାକୁ ପ୍ରୟାସ କରିଛନ୍ତି। ସୁଲତା ଟ୍ୱିଟ୍ ମାଧ୍ୟମରେ ଅପରାଜିତାଙ୍କୁ ଟାର୍ଗେଟ୍ କରି କହିଛନ୍ତି ଯେ, ଭିତିହୀନ ଅଭିଯୋଗ ଆଣି ସା ୪କୋଟି ଓଡିଆଙ୍କ ଅପମାନ କରନ୍ତୁ ନାହିଁ । ଓଡିଆ ଲୋକମାନେ ନୀତିବାନ, ସ୍ୱାଭିମାନୀ ଓ ମର୍ଯ୍ୟାଦା ମଧ୍ୟରେ ରହିଥାନ୍ତି । ଭୁବନେଶ୍ୱର ମେୟର ନିର୍ବାଚନରେ ପରାଜୟକୁ ଅପରାଜିତା ସ୍ୱୀକାର କରିଥିବା ଭଳି ଲାଗୁଛି । ତେଣୁ ଦଳର ରାଷ୍ଟ୍ରୀୟ ନେତୃତ୍ୱଙ୍କ ପାଖରେ ନିଜର ଅସ୍ତିତ୍ୱ ରଖିବା ପାଇଁ ତା'ପୂର୍ବରୁ ଏଭଳି ବାହାନା କରି ସେମାନଙ୍କୁ ଟ୍ୟାଗ କରୁଛନ୍ତି ବୋଲି ସୁଲତା ତାଙ୍କ ଟ୍ୱିଟରେ କହିଛନ୍ତି । ସେହିପରି ସୁଲତାଙ୍କ ଟ୍ୱିଟ ଉପରେ ସିଧାସଳଖ ମନ୍ତବ୍ୟ ନରଖି ଅନ୍ୟ ଏକ ଟ୍ୱିଟ୍ ଉପରେ ପ୍ରତିକ୍ରିୟା ଦେଇ ଅପରାଜିତା ପୁଣି ବିଜେଡି ଉପରେ ବର୍ଷିଛନ୍ତି । ଅପରାଜିତା କହିଛନ୍ତି ଯେ, ଟଙ୍କା ନବାଂଟି ବିଜେଡି ନିର୍ବାଚନ ଜିତିକି ଦେଖାଉ ବୋଲି ମୁଁ ଚ୍ୟାଲେଞ୍ଜ କରୁଛି। ଏବେ ସମସ୍ତେ ଏହା ଜାଣିଗଲେଣି। ତେଣୁ ବିଜେଡି ଦୟାକରି ଭୋଟ ନକିଣୁ। ଆମ ଓଡିଆ ଭାଇଭଉଣୀମାନେ ଅପମାନିତ ଓ ବିଭ୍ରାନ୍ତ ହେଉଛନ୍ତି । ବହୁ ସଂଖ୍ୟାରେ ଏଭଳି ଭିଡିଓ ଆସୁଛି । ଆଉ ଫଟୋ ମିଛ କୁହେ ନାହିଁ ବୋଲି ଅପରାଜିତା କହିଛନ୍ତି ।ତେବେ, କ୍ୟାମେରାମ୍ୟାନ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଏବେବି ଫେରାର ଥିବାବେଳେ ଘଟଣାର କ୍ରାଇମବ୍ରାଂଚ୍ ତଦନ୍ତ ଜାରି ରହିଛି । ଆଉ ବିଜେଡି ନେତ୍ରୀ ସୁଲତା ଦେଓଙ୍କୁ ମଧ୍ୟ ଶର୍ମିଷ୍ଠାଙ୍କ ସହ ବିଭିନ୍ନ ସମୟରେ ଦେଖିବାକୁ ମିଳିଛି । ଶର୍ମିଷ୍ଠାଙ୍କ 'ଦୟାଳ ଆଶ୍ରମ'(ଯେଉଁଠି ବିଭିନ୍ନ ଧରଣର ଭିଡିଓ ସୁଟିଂ ହୋଇଥାଏ)କୁ ଯିବା ସହ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସୁଲତାଙ୍କୁ ଶର୍ମିଷ୍ଠା ରହିଥିବାର ଫଟୋଚିତ୍ର ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି ।
ଏପରିକି ଏକ ଭିଡିଓରେ ମଧ୍ୟ ଶର୍ମିଷ୍ଠାଙ୍କ ସହ ନୈନ୍ଦିନ ଭାବେ ଫୋନରେ ଯୋଗାଯୋଗରେ ରହିଥାନ୍ତି ବୋଲି ସୁଲତା ସ୍ୱୀକାର କରିଛନ୍ତି । ତେଣୁ ଶର୍ମିଷ୍ଠାଙ୍କ ସହ ସୁଲତାଙ୍କର ଘନିଷ୍ଠତାକୁ ନେଇ ସେ ବିବାଦରେ ଥିବାବେଳେ ଅପରାଜିତାଙ୍କ ଟ୍ୱିଟ ଉପରେ ସୁଲତାଙ୍କ ପ୍ରତିକ୍ରିୟା ଯାଦୁଆ ବିକୁଛି ଯାଦୁମଲମ ସଦୃଶ ହୋଇଛି । ଯଦି ଭିଡିଓରେ ସୁଲତା କହୁଥିବା କଥା ସତ ଓ ଶର୍ମିଷ୍ଠା ତାଙ୍କ ସହ ନିୟମିତ ଯୋଗାଯୋଗରେ ରହିଛନ୍ତି ବୋଲି ସେ ସ୍ୱୀକାର କରୁଛନ୍ତି ତା'ହେଲେ କାହିଁକି ଏବେ ଶର୍ମିଷ୍ଠା ପ୍ରସଙ୍ଗରେ ସେ ମୁହଁ ଖୋଲୁନାହାନ୍ତି । ଏଠି ତାଙ୍କର ନୀତି ଓ ନୈତିକତା କୁଆଡ ? ଉଭେଇ ଯାଇଛି । ଶର୍ମିଷ୍ଠାଙ୍କ ଭଳି ବିବାଦୀୟ ମହିଳାଙ୍କ ସହ ସୁଲତା କିପରି ଏତେ ଘନିଷ୍ଠ(ସୋସିଆଲ ମିଡିଆରେ ୩-୪ଟି ବିଭିନ୍ନ କାର୍ଯ୍ୟକ୍ରମର ଫଟୋ) ହେଲେ ତାହା ବୁଝାପଡୁନି ।ପୌର ନିର୍ବାଚନରେ ଟଙ୍କା ବାଂଟି ଭୋଟ କ୍ରୟ କରୁଥିବାର ଭିଡିଓ ଉପରେ ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଅପରାଜିତା ଟ୍ୱିଟ୍ ମାଧ୍ୟମରେ ମନ୍ତବ୍ୟ ଦେଇଥିବାବେଳେ ବିଜେଡି ଏହି ଭିଡିଓର ସତ୍ୟାସତ୍ୟ ସମ୍ପର୍କରେ ମୁହଁ ନଖୋଲି ଓଲଟା ସୁଲତାଙ୍କ ମାଧ୍ୟମରେ ଅପରାଜିତାଙ୍କୁ ବ୍ୟକ୍ତିଗତ ଟାର୍ଗେଟ୍ କରିବାକୁ ପ୍ରୟାସ କରିଛି । ଆଉ ହତ୍ୟା ଅଭିଯୁକ୍ତ ଶର୍ମିଷ୍ଠା ସହ ଫଟୋଚିତ୍ରକୁ ନେଇ ଏପର୍ଯ୍ୟନ୍ତ ମୁହଁ ଖୋଲୁନଥିବା ବିବାଦୀୟ ସୁଲତା କିଭଳି ଅପରାଜିତାଙ୍କ ଟ୍ୱିଟ୍ ପ୍ରସଙ୍ଗରେ ନୀତିନୈତିକତାର ପାଠ ପାଉଛନ୍ତି ତାକୁ ନେଇ ସାଧାରଣରେ ଚର୍ଚ୍ଚା।

## ମାନସ ସ୍ୱାଇଁ ହତ୍ୟାକାଣ୍ଡ ମାମଲାର ତଦନ୍ତ କରିବ କ୍ରାଇମବ୍ରାଂଚ

ଭୁବନେଶ୍ୱର, ୨୩।୩(ପି.ଏନ): ଫଟୋଗ୍ରାଫର ମାନସ ସ୍ୱାଇଁ ହତ୍ୟାକାଣ୍ଡ ମାମଲାରେ କ୍ରାଇମବ୍ରାଂଚ ତଦନ୍ତ କରିବ। ଡିଜିପିଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଂଚ ତଦନ୍ତ ଭାର ଗ୍ରହଣ କରିଛି। କ୍ରାଇମ୍ ବ୍ରାଂଚ ଏଡିଜି ସଂଜୀବ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ହତ୍ୟା ମାମଲାର ତଦନ୍ତ ପାଇଁ ୨ଟି ଟିମ୍ ଗଠନ କରାଯାଇଛି। କ୍ରାଇମବ୍ରାଂଚ ଡିଏସପି କଳ୍ପନା ସାହୁ ଟିମ୍ ର ନେତୃତ୍ୱ ନେବେ। ଟିମ୍ ରେ ମୋଟ୍ ୯ ଜଣ ସଦସ୍ୟ ରହିବେ। ୱେବ୍ ପୋର୍ଟାଲର ମାଲିକାଣୀ ଶର୍ମିଷ୍ଠା ରାଉତଙ୍କୁ ଧରିବା ପାଇଁ ଗୋଟିଏ ଟିମ୍ ନିୟୋଜିତ ହେବ। ଶର୍ମିଷ୍ଠା ରାଜ୍ୟ ବାହାରେ ଥିବାରୁ ଏକ ଟିମ୍ ବାହାରକୁ ଯିବ। ବର୍ତ୍ତମାନ ତଦନ୍ତ ଜାରି ରହିଥିବାରୁ ସବୁ ତଥ୍ୟ ଦିଆଯାଇ ପାରିବ ନାହିଁ। ତେଣୁ ତଦନ୍ତ ପରେ ଗଣମାଧ୍ୟମକୁ ଅଧିକ ତଥ୍ୟ ଦିଆଯିବ। ବୁଧବାର ଦିନ କ୍ରାଇମବ୍ରାଂଚ ତଦନ୍ତ କରିବା ନେଇ ପୋଲିସ ଡିଜି ସୁନୀଲ ବଂଶଲ ନିର୍ଦ୍ଦେଶ ଦେଇଛନ୍ତି। ଶର୍ମିଷ୍ଠାଙ୍କୁ ଧରିବା ସହ ତଦନ୍ତକୁ ଅଗ୍ରଗତି କରାଇବାକୁ କ୍ରାଇମବ୍ରାଂଚ ପୋଲିସକୁ ସହଯୋଗ କରିବ। ଚାନ୍ଦବାଲି ଥାନାରେ ମାନସଙ୍କ ନିଖୋଜ ନେଇ ୨୦୨୨, ଫେବୃଆରୀ ୧୪ରେ ପରିବାର ତରଫରୁ ଏତଲା ଦିଆଯିବାପରେ ପୋଲିସ ଆଇପିସିର ଦଫା ୩୬୩ ଓ ୩୪ରେ ମାମଲା ରୁଜୁ କରିଥିଲା। ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠାଙ୍କ ଭାଇ ପରମେଶ୍ୱର ରାଉତଙ୍କୁ ଗିରଫ କରିଛି ପୋଲିସ୍। ଚାନ୍ଦବାଲି ଥାନାରେ ପହଂଚିବା ପରେ ଗିରଫ ଦର୍ଶାଇଲା ପୋଲିସ୍। ଗତକାଲି ପରମେଶ୍ୱରଙ୍କୁ ବିଜୟୱାଡାରୁ ଧରିଥିଲା ଚାନ୍ଦବାଲି ପୋଲିସ୍। ଫେରାର ହେବା ପାଇଁ ପରମେଶ୍ୱର ଭଉଣୀ ଶର୍ମିଷ୍ଠାଙ୍କୁ ସହଯୋଗ କରିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଶର୍ମିଷ୍ଠା ରାଉତଙ୍କ କାର ଠାବ ହୋଇଛି । ଭୁବନେଶ୍ୱରରଏୟାରଫିଲଡ ଥାନା ଅଧୀନ ସ୍କାଏ ଟାୱାର ଆପାର୍ଟମେଂଟର ପାର୍କିଙ୍ଗରୁ ଏହି କାରକୁ ଜବତ କରାଯାଇଛି । ଏହି କାର ମାଧ୍ୟମରେ ଚାନ୍ଦବାଲିରୁ ମାନସଙ୍କୁ ଅପହରଣ କରାଯାଇଥିବାର ସନ୍ଦେହ କରାଯାଉଛି । ସୂଚନା ଥାଉ କି ଗତ ଫେବ୍ରୁଆରି ୭ ତାରିଖରେ ମାନସଙ୍କୁ ଏକ ଧଳା କାରରେ ଅପହରଣ କରାଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ବୟାନ ଦେଇଥିଲେ । ମାନସ ଫେବ୍ରୁଆରି ୬ ତାରିଖରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ପଳାସପୁରକୁ ଏକ ବାହାଘର ସୁଟିଂ କରିବାକୁ ଯାଇଥିଲେ। ମାନସଙ୍କୁ ଅପହରଣ ପାଇଁ ଏହି କାର୍ ର ବ୍ୟବହାର ହୋଇଥିବା ସନ୍ଦେହ କରାଯାଉଛି ।ଶର୍ମିଷ୍ଠା ରାଉତଙ୍କ ୱେବ୍ ଚ୍ୟାନେଲ ସଂପୂର୍ଣ୍ଣ ଅଫିସ୍ ସିଲ୍ କରିଛି ଚାନ୍ଦବାଲି ପୋଲିସ୍। ମାନସ ସ୍ୱାଇଁ ହତ୍ୟା ମାମଲାରେ ସ୍କାଏ ଟାୱାର ଆପାର୍ଟମେଂଟରେ ଥିବା ଅଫିସ୍ ରେ ଚଢାଉ କରି ଚାନ୍ଦବାଲି ପୋଲିସ ଏହାକୁ ସିଲ୍ କରିଛି। ଗତକାଲି ମଧ୍ୟ ପୋଲିସ୍ ଚଢାଉ କରି କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା ।

## ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳିତ

ଆଧୁନିକ ଯୁବସମାଜର ଆଦର୍ଶ:ମହାତ୍ମାଗାନ୍ଧୀ

ଭୁବନେଶ୍ୱର, ୨୩।୩(ପି.ଏନ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଉପଲେକ୍ଷ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବରେ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା ଯୋଗଦାନ କରିଥିଲେ । ସଭାପତିତ୍ୱ କରିଥିଲେ ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ । ଆଲୋଚନା ଚକ୍ରରେ ସ୍ୱାଗତ ଭାଷଣ ଦେଇଥିଲେ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ । ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଗାନ୍ଧିବାଦୀ ଲେଖକ ଗୌରାଙ୍ଗଚରଣ ପରିଡ଼ା ମହୋଦୟ ଯୋଗ ଦେଇ ଆଧୁନିକ ଯୁବସମାଜର ଆଦର୍ଶ ମହାତ୍ମା ଗାନ୍ଧୀଙ୍କ ଉପରେ ବକ୍ତବ୍ୟରେ କହିଲେ ଯେ ଗାନ୍ଧୀ ଏବେବି ଯୁବକମାନଙ୍କ ପାଇଁ ଏକ ଆଦର୍ଶ ଆଇକନ୍ ଅଛନ୍ତି । ଗାନ୍ଧୀଙ୍କ ବିଚାର ଶାଶ୍ୱତ ଏବଂ ସବୁ ସମୟ ପାଇଁ ପ୍ରଯୁଜ୍ୟ । ଏ ବିଚାର ଯେତିକି ବରିଷ୍ଠମାନଙ୍କୁ ଆକୃଷ୍ଟ କରିଛି,ସେତିକି ଯୁବ ପିଢ଼ିଙ୍କୁ ଆକୃଷ୍ଟ କରିଛି । ସତ୍ୟ, ଅଂହିସା, ସାମ୍ପ୍ରଦାୟିକ ସଂହତି, ଅସ୍ପୃଶ୍ୟତା ନିବାରଣଏବଂ ନିଶା ନିବାରଣ ପ୍ରସଙ୍ଗ ଗାନ୍ଧୀ ବିଚାରରେ ସମାଜ ପାଇଁ ପ୍ରାସଙ୍ଗିକତା ରଖେ ।ଗାନ୍ଧୀଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣିତ ହେବା ଉଚିତ୍ କାରଣ ଗାନ୍ଧୀ ବିଶ୍ୱ ପାଇଁ ଏକ ପ୍ରେରଣାର ଉତ୍ସ । ଶାନ୍ତି ଓ ସହାବସ୍ଥାନ- ଗାନ୍ଧୀ ବିଚାରର ଲକ୍ଷ୍ୟ ।ରଞ୍ଜନ କୁମାର ଦାସ ପ୍ରାରମ୍ଭରେ କହିଲେ ଯେ ଗାନ୍ଧୀଙ୍କୁ ଜାଣିବାକୁ ହେଲେ ଗାନ୍ଧୀଙ୍କ ଦର୍ଶନକୁ ଜାଣିବାକୁ ହେବ । ବର୍ତ୍ତମାନ ପରିପ୍ରେକ୍ଷୀରେ ଆମେ ତଥ୍ୟକୁ ନେଇ ବଂଚୁଛେ, କୌଣସି ଜ୍ଞାନକୁ ନେଇ କେବେ ଆମେ ବଞ୍ଚିବାକୁ ଚାହୁଁନା । ଗାନ୍ଧୀଙ୍କ ବିଷୟରେ ଆମେ ବହୁ ତଥ୍ୟ ଜାଣିଛେ କିନ୍ତୁ ତାଙ୍କ ବିଷୟରେ ଜ୍ଞାନ ଏବଂ ତାଙ୍କ ଦର୍ଶନ ଜାଣିବା ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ । ପରିଶେଷରେ ଦର୍ଶକ ଏବଂ ବୁଦ୍ଧିଜୀବୀମାନଙ୍କର ମୁକ୍ତ ଆଲୋଚନା ହୋଇଥିଲା।

## ରାଜଧାନୀ ରାସ୍ତା କଡରୁ ମିଳିଲା ନରକଙ୍କାଳ

ଭୁବନେଶ୍ୱର, ୨୩।୩(ପି.ଏନ): ରାଜଧାନୀ ଭୁବନେଶ୍ୱର ମଂଚେଶ୍ୱର ଥାନା ଇଞ୍ଜଣା ବ୍ରିଜ୍ ନିକଟରୁ ଏକାଧିକ ନରକଙ୍କାଳ ମିଳିଛି । ସେଠାରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ନରକଙ୍କାଳ, ଖପୁରୀ, ହାଡ଼ ପଡିଥିବା ଦେଖି ଲୋକେ ଭୟଭୀତ ହୋଇ ଯାଇଛନ୍ତି। ଏତେ ସଂଖ୍ୟାରେ କଙ୍କାଳ ଓ ଖପୁରି କେଉଁଠୁ ଓ କିପରି ଆସିଲା, କିଏ ଏଠାରେ ଫୋପାଡ଼ିଲା, ଏହା ପଛର କାରଣ କ'ଣ ତାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ପୋଲିସ୍ ଘଟଣାସ୍ଥଳରେ ପହଂଚି କଙ୍କାଳ ଗୁଡିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର, ୨୩।୩(ପି.ଏନ) ପାଇଁ ଉତରାଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ପୁଷ୍କର ସିଂହ ଧାମି ଶପଥ ନେବା ପରେ ଧାମିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଶୁଭେଚ୍ଛା ଜଣାଇବା ସହ ଧାମିଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ନୂତନ ସ୍ତରରେ ପହଂଚୁ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

## ଆଜି ପୌର ନିର୍ବାଚନ : ସକାଳ ୮ଟାରୁ ସଂଧ୍ୟା ୫ ଟା ଯାଏଁ ଭୋଟ ଗ୍ରହଣ

ଭୁବନେଶ୍ୱର ୨୩ ମାର୍ଚ୍ଚ - ଆସନ୍ତାକାଲି (ଗୁରୁବାର) ପୌରାଂଚଳ ଗୁଡିକରେ ମତଦାନ ହେବ। ପୌର ନିର୍ବାଚନ ପାଇଁ ସକାଳ ୮ଟାରୁ ସଂଧ୍ୟା ୫ ଟା ଯାଏଁ ଭୋଟ ଗ୍ରହଣ କରାଯିବ । ମ୍ୟୁନିସିପାଲଟି ଓ ଏନଏସିର ୧୬୭୨ ୱାର୍ଡ ଓ ୩ଟି କର୍ପୋରେସନର ୧୬୫ ୱାର୍ଡରେ ନିର୍ବାଚନ ହେବ। ମ୍ୟୁନିସିପାଲଟି ଓ ଏନଏସିର ୨,୯୮୯ ବୁଥ୍ ଓ ୩ଟି କର୍ପୋରେସନର ୧୩୮୪ ବୁଥ୍‌ରେ ୪୦ ଲକ୍ଷ ୫୫ ହଜାର ମତଦାତା ସେମାନଙ୍କର ମତାଧିକାର ପ୍ରୟୋଗ କରିବେ ।ଏହା ପୂର୍ବରୁ ବୁଧବାର ଅପରାହ୍ନ ସୁଦ୍ଧା ସବୁ ପୋଲିଂ ଷ୍ଟାଫ୍ ନିଜ ନିଜ ବୁଥ୍‌ରେ ପହଂଚିଛନ୍ତି। ୨୬ ତାରିଖ ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ । ନିର୍ବାଚନକୁ,ସୁଚାରୁ ରୂପେ କରାଇବାକୁ ମୋଟ ୨୨ ହଜାର ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ପୋଲିଂ ପାର୍ଟିରେ ଜଣେ ପ୍ରିଜାଇଡିଂ ଅଫିସର ଆଉ ୪ ଜଣ ପୋଲିଂ ଅଫିସର ରହିବେ । ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଅବାଧ ରୂପେ କରିବାକୁ ମୋଟ ୧୯୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ । ସେଥିମଧ୍ୟରୁ ବିଏମ୍‌ସି ପାଇଁ ୩୦, ସିଏମ୍‌ସି ପାଇଁ ୨୦, ବ୍ରହ୍ମପୁର ମ୍ୟୁନିସିପାଲ୍ କର୍ପୋରେସନ ପାଇଁ ୧୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏହା ବ୍ୟତୀତ ୩୦୦ ମୋବାଇଲ ପାର୍ଟି ରହିବେ। ସେଥିମଧ୍ୟରୁ ୧୦୯ ମୋବାଇଲ ପାର୍ଟି ଏହି ୩ଟି କର୍ପୋରେସନ ପାଇଁ ନିୟୋଜିତ ହେବେ। ପ୍ରତି ବୁଥ୍‌ରେ ଜଣେ ଲେଖାଏ ହାବିଲଦାର, ନ ହେଲେ କନଷ୍ଟେବଳ ନ ହେଲେ ସଶସ୍ତ୍ର ପୁଲିସ୍ ମୁତୟନ ରହିବେ । ଅପରପକ୍ଷରେ ବ୍ରହ୍ମପୁର କର୍ପୋରେସନର ୩ଟି ୱାର୍ଡ ସମେତ ଅନ୍ୟ ମ୍ୟୁନିସିପାଲ୍‌ଟି ଓ କର୍ପୋରେସନର ୫୮ଟି ୱାର୍ଡରେ ମନୋନୟନ ଦାଖଲ କରିଥିବା ପ୍ରାର୍ଥୀ ନିର୍ଦ୍ଦ୍ୱନ୍ଦରେ ମନୋନୀତ ହୋଇଛନ୍ତି । ସେହିପରି ନକଲି ଭୋଟରଙ୍କ ଉପରେ ଖବର ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଇଲେକ୍ସନ କମିଶନ ଅଫ ଇଣ୍ଡିଆର ଭୋଟର ତାଲିକାକୁ ଆମେ ଗ୍ରହଣ କରିଛୁ। ସେହି ତାଲିକା ଅନୁସାରେ ହିଁ ଭୋଟିଂ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି ।

## ନକଲି ଭୋଟରଙ୍କ ଉପରେ ନିଆଯିବ କାର୍ଯ୍ୟାନୁଷ୍ଠାନ : ନିର୍ବାଚନ କମିଶନର

ଭୁବନେଶ୍ୱର, ୨୩।୩(ପି.ଏନ): ନିର୍ବାଚନ ପ୍ରଚାରବେଳେ ଟଙ୍କା ବଂଟା ଭିଜୁଆଲ ଭାଇରାଲ ସମ୍ପର୍କିତ ଅଭିଯୋଗ ଆସିଥିବା ନେଇ ନିର୍ବାଚନ କମିଶନ ଅବଗତ ଅଛନ୍ତି । ଏହି ଭିଡିଓ ବାବଦରେ ଜିଲ୍ଲା ଓ ପୁଲିସ ପ୍ରଶାସନକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେହିପରି ନକଲି ଭୋଟରଙ୍କ ଉପରେ ଖବର ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଇଲେକ୍ସନ କମିଶନ ଅଫ ଇଣ୍ଡିଆର ଭୋଟର ତାଲିକାକୁ ଆମେ ଗ୍ରହଣ କରିଛୁ। ସେହି ତାଲିକା ଅନୁସାରେ ହିଁ ଭୋଟିଂ ହେବି ବୋଲି ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି । ଆସନ୍ତାକାଲି ରାଜ୍ୟର ୫୯ଟି ଏନ୍‌ଏସି, ୪୭ଟି ମ୍ୟୁନିସପାଲଟି ଏବଂ ୩ଟି ମହାନଗର ନିଗମରେ ପୌର ନିର୍ବାଚନ ହେବ। ସକାଳ ୮ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ।

## ଗୋଟିଏ ଦିନରେ ୬୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩।୩(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୬୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୨୮୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୭୫୮୦ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୩୬ ରହିଛି ।ଆଜି ଚିହ୍ନଟ ହୋଇଥିବା ୬୦ ଜଣଙ୍କ ମଧ୍ୟରୁ ୩୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରୁ ସବୁଠାରୁ ଅଧିକ ୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକ ଜିଲ୍ଲାରୁ ୧. ବଲାଙ୍ଗୀର ଜିଲ୍ଲାରୁ ୪ ଓ ବୌଦ୍ଧ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଦେବଗଡ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଜପତି ଜିଲ୍ଲାରୁ ୪ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଓଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା . କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା, ପୁରୀ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ରାୟଗଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୯ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍ ପୁଲରୁ ୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୨୮ରୁ ଖୋଲିବ ଅଙ୍ଗନବାଡି କେନ୍ଦ୍ର

ଭୁବନେଶ୍ୱର, ୨୩।୩(ପି.ଏନ): ଆସନ୍ତା ମାର୍ଚ୍ଚ ୨୮ ତାରିଖରୁ ରାଜ୍ୟର ସବୁ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବ। ଏସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ମହିଳା ଓ ଶିଶୁ କଲ୍ୟାଣ ବିଭାଗ । ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବା ନେଇ ରାଜ୍ୟ ସରକାର ଏସଓପି ଜାରି କରିଛନ୍ତି। ସକାଳ ୭ଟା ୩୦ରୁ ସକାଳ ୯ଟା ୩୦ ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ରଖୋଲା ରହିବ। ଯଦି କୌଣସି ଠାରେ ଅସୁବିଧା ଥାଏ, ତାହାହେଲେ ସ୍ଥାନୀୟ ପ୍ରଶାସନ ନିଷ୍ପତି ନେବ। ସବୁ ଅଙ୍ଗନବାଡି କର୍ମୀ ସମ୍ପୂର୍ଣ୍ଣ କୋଭିଡ୍ ଟିକା ନେବା ବାଧ୍ୟତାମୂଳକ କରାଯାଇଛି। ଯଦି କେହି ଉଦ୍ଦେଶ୍ୟମୂଳକ ଭାବେ ଟିକା ନେଇ ନ ଥାନ୍ତି, ତାହାହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ରାଜ୍ୟ ସରକାର କହିଛନ୍ତି ।ମହାମାରୀ କରୋନା ପାଇଁ ଦୁଇ ବର୍ଷରୁ ଅଧିକ ସମୟ ଧରି ବନ୍ଦ ରହିଥିଲା ଅଙ୍ଗନବାଡ଼ି କେନ୍ଦ୍ର। କିନ୍ତୁ ଛୋଟ ପିଲାଙ୍କ ପାଇଁ ଖାଦ୍ୟ ସାମଗ୍ରୀ ଅଙ୍ଗନବାଡ଼ି କର୍ମୀଙ୍କ ମାଧ୍ୟମରେ ଯୋଗାଇ ଦେଉଥିଲେ ରାଜ୍ୟ ସରକାର।

## ଶର୍ମିଷ୍ଠାଙ୍କ ଭାଇ ଗିରଫ

ଭୁବନେଶ୍ୱର, ୨୩।୩(ପି.ଏନ): ବହୁଚର୍ଚ୍ଚିତ ଫଟୋଗ୍ରାଫର ମାନସ ସ୍ୱାଇଁ ହତ୍ୟା ମାମଲାରେ ପୋଲିସ ୱେବ୍ ପୋର୍ଟାଲ ମାଲିକାଣୀ ଶର୍ମିଷ୍ଠାଙ୍କ ରାଉତଙ୍କ ଭାଇ ପରମେଶ୍ୱର ରାଉତଙ୍କୁ ଗିରଫ କରିଛି। ଗିରଫ ପରେ ପରମେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାର ଜେଲ ପଠାଇ ଦିଆଯାଇଛି।

## ବିଏମସିରେ ଭୋଟ୍ ଦେବେ ୭ଲକ୍ଷରୁ ଅଧିକ ଭୋଟର

ଭୁବନେଶ୍ୱର , ୨୩।୩(ପି.ଏନ): ଆସନ୍ତାକାଲି ପୌର ନିର୍ବାଚନ। ଏଥର ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଭୋଟ ଦେବେ ୭ଲକ୍ଷ ୨୫ହଜାର ୭୬୫ ଭୋଟର। ୬୭ ୱାର୍ଡ଼ର ୨୨୩ କେନ୍ଦ୍ରରେ ୭୦୫ ବୁଥର ବ୍ୟବସ୍ଥା କରାଯୋଇଛି। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ଦେଇପାରିବେ ଭୋଟୀ। ସେପଟେ ପ୍ରଥମ ଥର ପାଇଁ ପୌର ନିର୍ବାଚନରେ ନୋଟା ବ୍ୟବସ୍ଥା ରହିଛି। ସେହିପରି ପ୍ରଥମ ଥର ପାଇଁ ରାଜଧାନୀବାସୀ ସିଧାସଳଖ ଭାବେ ମେୟରଙ୍କୁ ଭୋଟ୍ ଦେଇ ବାଛିବେ। ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ଇ.ଭି.ଏମ ମେସିନ ସହ ପ୍ରିଜାଇଡିଂ ଅଫିସର ଓ ପୁଲିଂ ଅଧିକାରୀମାନେ ବୁଥ୍ ଗୁଡିକରେ ପହଂଚିଛନ୍ତି। ବିଏମସି ଅଂଚଳରେ ୫ଟି ପିଙ୍କ୍ ବୁଥ ଓ ୫ଟି ମଡେଲ ବୁଥ୍ କରାଯାଇଛି । ଏହା ସହ ୩୮୧ଟି ସମ୍ବେଦନଶୀଳ ବୁଥ ଚିହ୍ନଟ ହୋଇଛି। ପ୍ରତି ବୁଥ ପାଇଁ ଜଣେ ପ୍ରିଜାଇଡିଂ ଅଫିସରଙ୍କ ସହ ୪ଜଣ ପୁଲିଂ ଅଫିସର ଓ ଜଣେ ପୁଲିସ କର୍ମଚାରୀ ରହିଛନ୍ତି। ବିଜେବି କଲେଜରେ ଥିବା ଷ୍ଟ୍ରଙ୍ଗ ରୁମରୁ ପୁଲିଂ ପାର୍ଟିମାନେ ନିର୍ବାଚନ ନିମନ୍ତେ ବ୍ୟବହୃତ ସାମଗ୍ରୀ ତଥା ଇଭିଏମ ମେସିନ ଆଜି ସଂଗ୍ରହ କରିଛନ୍ତି ।ଆସନ୍ତାକାଲି ସକାଳ ୭ରେ ମକ୍ ପୋଲ ପରେ ସକାଳ ୮ରୁ ସନ୍ଧ୍ୟା ୫ଟା ଯାଏଁ ଭୋଟ ଗ୍ରହଣ କରାଯିବ। ଇଭିଏମରେ କାଳେ କିଛି ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହେଲେ ଏହାର ତୁରନ୍ତ ସମାଧାନ ପାଇଁ ସ୍ୱତନ୍ତ୍ର ବୈଷୟିକ ଟିମ ରଖାଯାଇଛି। ବିଏମସି ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ କହିଛନ୍ତି ଯେ ବିଏମସି ନିର୍ବାଚନ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ପ୍ରିଜାଇଡିଂ ଅଫିସରମାନଙ୍କୁ ଯେଉଁ ହିସାବରେ ଟ୍ରେନିଂ ଦିଆଯାଇଥିଲା ସେହି ହିସାବରେ ଆଜି ନିଜର ସରଞ୍ଜାମ ନେଇ ବୁଥ ଅଭିମୁଖେ ଯାଇଛନ୍ତି। କାଲି ସକାଳ ୭ ରୁ ମକ୍ ପୋଲ୍ ପରେ ୮ ରୁ ଭୋଟ ଗ୍ରହଣ କରିବେ। ଶାନ୍ତି ଶୃଙ୍ଖଳାର ସହ କେମିତି ଭୋଟ ଗ୍ରହଣ ହେବ ସେଥିପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ପୋଲିଂ ପାର୍ଟିରେ ପ୍ରିଜାଇଡିଙ୍ଗ ଅଫିସର ଲିଡର ହିସାବରେ ମ୍ୟାଟେରିଆଲ ସଂଗ୍ରହ କରୁଛନ୍ତି। ମ୍ୟାଟେରିଆଲ ଭିତରେ ରହିଛି ଇଭିଏମ ମେସିନ, ମେସିନ ସିଲ୍ ପାଇଁ ସବୁ ସରଞ୍ଜାମ, ରିଜର୍ଭଡ ବାଲଟ ପେପର, ପୋଷ୍ଟର, ୟେଲୋ-ପିଙ୍କ୍ ଏନଭଲପ, ଷ୍ଟାମ୍ପ ଇତ୍ୟାଦି ୨୬ଟି ଆଇଟମ। ପୌର ନିର୍ବାଚନରେ ନିୟୋଜିତ ଥିବା ଅଧିକାଂଶ କର୍ମଚାରୀ ସଦ୍ୟ ସମ୍ପନ୍ନ ପଂଚାୟତ ନିର୍ବାଚନରେ କାର୍ଯ୍ୟ କରିଛନ୍ତି। ଏଣୁ କୌଣସି ସମସ୍ୟା ନହୋଇ ସୁରୁଖୁରୁରେ ନିର୍ବାଚନ ହେବ ବୋଲି ଆଶା ରଖିଛନ୍ତି ପ୍ରିଜାଇଡିଂ ଅଫିସର। ସେପଟେ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ। ସହରରେ ହେବାକୁ ଥିବା ୭୦୫ବୁଥ ପାଇଁ ପୁଲିଂ ପାର୍ଟି ସହ ପୋଲିସ ଟ୍ୟାଗିଂ ହୋଇଛି । ଗତକାଲି ସନ୍ଧ୍ୟାରୁ ମୋବାଇଲ ପେଟ୍ରୋଲିଂ ଆରମ୍ଭ ହୋଇଥିବାବେଳେ ଜଟଣୀ ଓ ଭୁବନେଶ୍ୱର ପାଇଁ ୫୫ଟି ମୋବାଇଲ ପାର୍ଟି ନିଯୁକ୍ତି ହୋଇଛନ୍ତି। ଅତିରିକ୍ତ ଡିସିପି ସୁପରଭାଇଜିଙ୍ଗ ଅଫିସର ଭାବରେ ପାଟ୍ରୋଲିଂ କରିବେ। ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ସମାପନ କରାଯିବ ବୋଲି ସେ କହିଛନ୍ତି। ବିଭିନ୍ନ ଅଂଚଳ ଅନୁସାରେ ସେନସିଟିଭ୍ ବୁଥ ଓ ବସ୍ତିକୁ ଚିହ୍ନଟ କରାଯାଇଛି। କୌଣସି ବୁଥରେ ବିଶୃଙ୍ଖଳା ଦେଖାଦେଲେ ତୁରନ୍ତ ପଦକ୍ଷେପ ନିଆଯିବ। ବାହାରୁ ୫୦ପ୍ଲାଟୁନ ଫୋର୍ସ ଏବଂ୧୫୦ ଅଫିସର ନିଯୁକ୍ତ ହୋଇଥିବା ଡିସିପି କହିଛନ୍ତି। ନିର୍ବାଚନ ପାଇଁ ୫ଦିନ ଡ୍ରାଏ ଡେ ଘୋଷଣା ହୋଇଥବାରୁ ଚୋରା ମଦ କାରବାର ଉପରେ ବି ସ୍ୱତନ୍ତ୍ର ନଜର ରଖାଯିବ।

## କୋଭିଡ୍ ମୃତ୍ୟୁ : ୫ ଲକ୍ଷ ଟଙ୍କା ଲେଖାଏଁ ତଣ୍ଡ ଗଣିବେ ଓଡିଶା ସରକାର



ଭୁବନେଶ୍ୱର,୨୩।୩(ପି.ଏନ): ବୁର୍ଲାସ୍ଥିତ ଭୀମସାର ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଜନିତ ଅବହେଳା ଯୋଗୁ କୋଭିଡ-୧୯ରେ ପ୍ରାଣ ହରାଇଥିବା ୨ଜଣ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଲେଖାଏଁ ଓ ଅନ୍ୟ ୧୧ଜଣଙ୍କୁ ୫୦ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ଓଡିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଏବିଏସ୍ ନାଇଡୁଙ୍କ ଦ୍ୱାରା ଦାଖଲ ରିପୋର୍ଟ ଆଧାରରେ ଓଡିଶା ହାଇକୋର୍ଟ ଏହି ନିର୍ଦ୍ଦେଶ ଦେବା ସହ ମଇ ୨ତାରିଖ ସୁଦ୍ଧା ଏହି ପୀଡିତମାନଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରି ସେହିଦିନ ବିସ୍ତୃତ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ କହିଛନ୍ତି ।ସୂଚନା ଅନୁସାରେ, ବରଗଡ ଜିଲ୍ଲାର ଜ୍ଞାନଦତ୍ତ ଚୌହାନ ନାମକ ଜଣେ ବ୍ୟକ୍ତି ୨୦୨୧ ମଇ ୨୩ତାରିଖରେ ଏକ ଇ-ମେଲ୍ ମାଧ୍ୟମରେ ଭୀମସାରରେ କୋଭିଡ୍ ରୋଗୀଙ୍କୁ ଚିକିତ୍ସାରେ କିଭଳି ଅବହେଳା କରାଯାଉଛି ସେ ନେଇ ଅଭିଯୋଗ କରିଥିଲେ । ଡାକ୍ତର ଓ ପାରା ମେଡିକାଲ କର୍ମଚାରୀଙ୍କ ଅବହେଳାକୁ ମଧ୍ୟ ଉଜାଗର କରିଥିଲେ। ବରଗଡ ଜିଲ୍ଲାର ଅନ୍ୟ ୯ଜଣ ମଧ୍ୟ ସେମାନଙ୍କର ସମ୍ପର୍କୀୟମାନଙ୍କୁ ଭୀମସାର ହସ୍ପିଟାଲରେ କୋଭିଡ୍ ୧୯ ଚିକିତ୍ସା ପ୍ରଦାନରେ ହୋଇଥିବା ଅବହେଳା ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଇ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ।










# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟଣ୍ଟ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନଣ୍ଟ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତଣ୍ଟ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତଣ୍ଟ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତଣ୍ଟ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଭ୍‌କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧମରେ ନିଖୁଣ ଭାବେ ପ୍ରାଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ ଝିଅଙ୍କୁ ଆଗକୁ ବଢ଼ିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢ଼ିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢ଼ିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ପ୍ରସିଦ୍ଧ ହରିରାଜପୁର ଦୋଳ ମେଳଣ



ଋତୁରାଜ ବସନ୍ତଙ୍କର ଆଗମନକୁ ସ୍ୱାଗତ କରିବାରେ ଦୋଳପର୍ବ ଉଦ୍ଦିଷ୍ଟ ବୋଲି ଗ୍ରହଣ କରାଯାଏ। ଏହା ଏପରି ଏକ ସମୟ ଯେତେବେଳେ ଶୀତର ଶୈତ୍ୟ ଅଥବା ଗ୍ରୀଷ୍ମର ପ୍ରକୋପ ନଥାଏ। ଦ୍ୱାଦଶ ଶତାବ୍ଦୀର ଓଡ଼ିଆ ଜ୍ୟୋତିର୍ବିଦ ଶତାନନ୍ଦଙ୍କ ‘ଶତାନନ୍ଦ ସଂଗ୍ରହ’ ଅନୁସାରେ ଓଡ଼ିଶାରେ ଦୋଳଯାତ୍ରା ଦୀର୍ଘ ୮୦୦ବର୍ଷ ହେଲା ପାଳିତ ହୋଇ ଆସୁଅଛି। ଏହି ଯାତ୍ରା ପୂର୍ଣ୍ଣିମାବାସୀଠୁ ପାଞ୍ଚଦିନ ଧରି ପାଳିତ ହୁଏ ବୋଲି ଏହାକୁ ରଜଦୋଳ ବା ପଞ୍ଚୁଦୋଳ ବୋଲି କୁହନ୍ତି। କେତେକ ସ୍ଥଳରେ ଫାଲଗୁନ ପୂର୍ଣ୍ଣିମା ଠାରୁ ଧରି ପାଞ୍ଚଦିନ ମଧ ହୋଇଥାଏ। ଆଉ କୋଉଠି ଦଶମୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ଶେଷ ହୁଏ। ପୁନଶ୍ଚ ପୂର୍ଣ୍ଣିମାକୁ ଧରି ଯେଉଁ ଦୋଳଯାତ୍ରା ଦିବସ ଅନୁସାରେ ପାଳନ କରାଯାଏ ତାହାକୁ ଦିବସ ନେଇ ଦି’ ଦୋଳ, ତିନିଦୋଳ, ପଞ୍ଚଦୋଳ, ...., ନ’ ଦୋଳ ବା ଦଶଦୋଳ କୁହାଯାଏ। ଓଡ଼ିଆ ପାଞ୍ଜି ଅନୁସାରେ ଫାଲଗୁନ ପୂର୍ଣ୍ଣିମାହିଁ ଦୋଳ ପୂର୍ଣ୍ଣିମା। ଫାଲଗୁନ ଦଶମୀ ବା ଫଗୁଦଶମୀ ହିଁ ଦୋଳୋତ୍ସବର ଆରମ୍ଭ ଦିବସ ବୋଲି ଧରାଯାଇଛି। ଏମିତିରେ ଚୈତ୍ର ଦଶମୀ ପର୍ଯ୍ୟନ୍ତ ବା ତା’ ମଧ୍ୟରେ ସ୍ଥାନ କାଳ ନେଇ ଏହା ପାଳିତ ହୁଏ। ଏହି ଉତ୍ସବର ମୁଖ୍ୟ ଆରାଧ୍ୟ ଠାକୁର ହେଉଛନ୍ତି ରାଧା ଓ କୃଷ୍ଣ। ଏହା ତାଙ୍କର ବସନ୍ତ ରାସୋତ୍ସବ। ଏଥିରେ ତାଙ୍କୁ ଅବିର ଏବଂ ଭୋଗ ଅର୍ପଣ କରାଯାଏ।



ଏଠାରେ ସୂଚାଇ ଦେଉଛୁ ଯେ ସାଧାରଣତଃ ଅନ୍ୟ ଦିନମାନଙ୍କରେ ଭକ୍ତମାନେ ମନ୍ଦିରକୁ ଭୋଗରାଗ ନେଇ ଠାକୁରଙ୍କ ଦର୍ଶନ ପାଇଁ ଯାଇଥାନ୍ତି ଅଥଚ ଦୋଳୋତ୍ସବରେ ଠାକୁର ତାଙ୍କ ପ୍ରଜା ବା ଭକ୍ତଙ୍କ ଦ୍ୱାରକୁ ଭୋଗ ଖାଇ ଆସିଥାନ୍ତି। ସେଥିପାଇଁ ତାଙ୍କୁ ଦୋଳା / ଦୋଳ ବା ବିମାନରେ ବସାଇ ଭକ୍ତମାନେ କାନ୍ଧରେ ବୋହି ନାନା ପ୍ରକାର ନାଚ, ଗୀତ, ସଂକୀର୍ତ୍ତନ, ବାଣ ଓ ରୋଷଣୀରେ ଗ୍ରାମର ପ୍ରତିଟି ହିନ୍ଦୁ ପରିବାର ଦୁଆରେ ନେଇ ଭୋଗ



ଖୁଆଇଥାନ୍ତି। ଦୋଳ ବା ଦୋଳରେ ବିଜେ ହେତୁ ଏହା ଦୋଳ ଉତ୍ସବ।

ଏହି ଭୋଗଖିଆ ପର୍ବ ଫଗୁ ଦଶମୀ ଠାରୁ ଆରମ୍ଭ ହୋଇ ଦୋଳୋପୂର୍ଣ୍ଣିମା ଦିନ ମଧ୍ୟରେ ପ୍ରତିଟି ଗାଁରେ ସରିଥାଏ। ତା’ପରେ ଆରମ୍ଭ ହୁଏ ଦୋଳଯାତ୍ରା। ଦୋଳଯାତ୍ରା ଦିନ ପ୍ରତିଟି ଗାଁରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକ ଧରି ଠାକୁରମାନେ ବାଣ, ରୋଷଣୀ, ମଶାଲ ଓ ବାଜା ମାଧ୍ୟମରେ ପଟୁଆରରେ ଆସି ଗ୍ରାମ ବାହାରେ ଅଥବା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର କେନ୍ଦ୍ରସ୍ଥଳରେ ଉପସ୍ଥିତ ହୁଅନ୍ତି। ଏହି ସ୍ଥାନକୁ କୁହନ୍ତି ମେଳଣ ବା ଭେଟ୍‌ଭାଟ୍ ପଡ଼ିଆ। ଠାକୁରମାନଙ୍କ ଉପସ୍ଥିତି ଧରି ଏଠାରେ ଦୋକାନ ବଜାର,ହାଟ, ନାଟି, ଯାତ୍ରା, ତାମସା, ବ୍ୟବସାୟ, ବଣିଜ ପ୍ରଦର୍ଶନୀ, ପ୍ରଦର୍ଶନ ଓ ଏମିତି କେତେକ’ଣ ଥୋକାଏ ଦିନ ଚାଲେ।

ଓଡ଼ିଶାର ପୁରପଲ୍ଲୀରେ ଦୋଳପର୍ବ ମହାସମାରୋହରେ ପାଳିତ ହୁଏ। ତେବେ ଦୋଳପର୍ବକୁ ନେଇ ଓଡ଼ିଶାର ଯେଉଁ କେତୋଟି ସ୍ଥାନ ପ୍ରସିଦ୍ଧ ଲାଭ କରିଛନ୍ତି, ସେମାନଙ୍କ ମଧ୍ୟରୁ ହରିରାଜପୁର ଦୋଳ ମେଳଣ ଅନ୍ୟତମ।



ହରିରାଜପୁର ଗ୍ରାମଟି ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ବା ଜଟଣୀ ଠାରୁ ମାତ୍ର ଦୁଇ କି.ମି. ଦୂରରେ ପିପିଲି-ଜଟଣୀ ରାସ୍ତା କଡ଼ରେ ଏବଂ ଭୁବନେଶ୍ୱର ଠାରୁ ମାତ୍ର କୋଡ଼ିଏ କି.ମି. ଦୂରରେ ଅବସ୍ଥିତ। ଏଠାକୁ ଗମନାଗମନ ପାଇଁ କୌଣସି ଅସୁବିଧା ନାହିଁ।ଟ୍ରେନ୍ ଯୋଗେ ଖୋର୍ଦ୍ଧାରୋଡ଼ ଆସି ଭିନ୍ନ ଭିନ୍ନ ଯାନଧରି ଏଠାକୁ ଆସିହେବ। ସହଜେ ବସ୍ ଇତ୍ୟାଦିର ସୁଲଭତା ଅଛି। ଏହାର ଚାରିପଟେ ରଥିପୁର ଗଡ଼ , ଅରାଗଡ଼, ଗଡ଼କୁରୁଖି ଏବଂ ଅନ୍ୟାନ୍ୟ ଐତିହାସିକ ସ୍ଥାନମାନ ଅଛି। ଅନତିଦୂରରେ ଇତିହାସ ପ୍ରସିଦ୍ଧ ଦୟାନଦୀ ପ୍ରବାହିତ।

ଐତିହାସିକ ତଥ୍ୟରୁ ଜଣାଯାଏ ଯେ ଖୋର୍ଦ୍ଧାରେ ଶାସନ କରୁଥିବା ଗଜପତି ମହାରାଜ, ନରସିଂହ ଦେବ (୧୬୨୧ ରୁ ୧୬୪୭)ଙ୍କ ସମୟରୁ ହରିରାଜପୁରରେ ଦୋଳ ମେଳଣ ହୋଇଆସୁଅଛି। ଐତିହାସିକ ଦିବ୍ୟସିଂହ ଚମ୍ପତିଙ୍କ ମତରେ ୧୬୩୭ ଖ୍ରୀଷ୍ଟାବ୍ଦରେ ଏହାର ଆରମ୍ଭ ହୋଇଥିଲା। ଏହି ମେଳଣ ପ୍ରଥମ ଆୟୋଜକ ଏବଂ ପୁରୋଧାଥିଲେ ହରିରାଜପୁରର ବାବାଜୀ ଶ୍ରୀ ଗୋବର୍ଦ୍ଧନ ଦାସ ଏବଂ ଖରୁଡା ଗ୍ରାମର ମହାଜନ ନିତେଇ ସାହୁ। ଏକଦା ଏ ଦୁହେଁ ରଥଯାତ୍ରାରୁ ଫେରୁଥିବା ବେଳେ ଏମିତି ଏକ କଥପୋକଥନରୁ ଆରମ୍ଭ ହେଲା ଯେ ଆମେ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ (ହରିରାଜପୁର)ଙ୍କୁ କେନ୍ଦ୍ରକରି ଏକ ଦୋଳ ମେଳଣ କଲେ କେମିତି ହୁଅନ୍ତା ? ଏହି ଭାବନାକୁ ଆଧାରକରି ଏବଂ ଏହାକୁ ରୂପ ଦେବାରେ ତତ୍‌ଜନିତ ଆର୍ଥିକ ବୋଝ ଲାଘବ ପାଇଁ ମୁଠିଭିକ୍ଷାର ଆଶ୍ରୟ ନେଇଥିଲେ।

ଏହି ଦୋଳ ଯାତ୍ରା ଚୈତ୍ର ପଞ୍ଚମୀ ଏବଂ ସ୍ଥାନୀୟ ପଞ୍ଚଦେବତାଙ୍କୁ ନେଇ କରାଯାଇଥିବାରୁ ଏହାର ନାମ ରଖାଗଲା ହରିରାଜପୁର ପଞ୍ଚୁଦୋଳ। ଏହି ପାଞ୍ଚ ଠାକୁର ହେଲେ ସାନାଧିପତି ଶ୍ରୀ ଶ୍ରୀ ସୋମନାଥ ଦେବ, ହରିରାଜପୁର; ଶ୍ରୀ ଶ୍ରୀ ସୋମନାଥ ଦେବ ବୁଢ଼ାପଡ଼ା; ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ, କନ୍ତିଆ; ନୀଳକଣ୍ଠେଶ୍ୱର ଦେବ, ଭଁସର ଏବଂ ଶ୍ରୀ ଶ୍ରୀ ଗତିଶ୍ୱେର ଦେବ, କୁଶମାଟି। ପ୍ରଥମେ ଠାରକୁମାନେ ଦୋଳ ବିମାନରେ ଆସି ଭଁସର ଠାରେ ବିରାଜମାନ କରୁଥିଲେ ଏବଂ ସେଠାରେ ହିଁ ଦୋଳ ମେଳଣ ହେଉଥିଲା। ପରେ ଠାକୁରମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧିଘଟି ୭୫ରେ ପହଞ୍ଚିଲାରୁ ବର୍ତ୍ତମାନର ହରିରାଜପୁର ମେଳଣ ପଡ଼ିଆରେ ୧୯୫୦ ଠାରୁ ଦୋଳ ମେଳଣ ଅନୁଷ୍ଠିତ ହେଉଛି।

ଦୋଳଯାତ୍ରା ନିୟମ ଅନୁସାରେ ଦୋଳ ପଡ଼ିଆକୁ ଯିବାପୂର୍ବରୁ ଠାକୁରମାନେ ଗାଁରେ ଦ୍ୱାର ଦ୍ୱାର ବୁଲି ଚାଚେରୀ ଭୋଗ ଖାଇ ସାରିଥାନ୍ତି। ମେଳଣ ଦିନ ଦୋଳରେ ବସି ଛତି, ତ୍ରାଶ, ବାଜା, ବାଣ, ନିଶାଣ ମଶାଲ ବା ଡିହୁଡ଼ିର ଆଲୋକର ରୋଷଣୀରେ ପଟୁଆର ଦ୍ୱାରା, ଠାକୁରମାନେ ମେଳଣ ପଡ଼ିଆକୁ ବିଜେ କରନ୍ତି। ହରିରାଜପୁର ପୁର ମେଳଣର ଠାକୁରମାନଙ୍କ ପାଇଁ ସେହି ନିୟମ ପାଳନ କରାଯାଏ। ଏହି ମେଳଣର ମୁଖ୍ୟ ଦେବ ହେଉଛନ୍ତି ହରିରାଜପୁର ଶ୍ରୀ ଶ୍ରୀ ସୋମନାଥ ଦେବ, ଭିନ୍ନନାମେ ପଶ୍ଚିମାଶମ୍ଭୁ ଦେବ। ସେ ଅନ୍ୟାନ୍ୟ ଦେବମାନଙ୍କୁ ନିମନ୍ତ୍ରଣ କରନ୍ତି। ତାଙ୍କ ତରଫରୁ ପୂଜକମାନେ, ଫୁଲ, ଚନ୍ଦନ, ଗୁଆ, ଦୁଅ, ବେଲପତ୍ର, ସୁଲସଜଟା, ଧତ୍ରୀମାଳ ଏବଂ ଅକ୍ଷଚ ଇତ୍ୟାଦି ନେଇ ଶ୍ରୀ ଶ୍ରୀ ଦେବମାନଙ୍କୁ ମେଳଣ ଉଦ୍ଦେଶ୍ୟରେ ନିମନ୍ତ୍ରଣ ଦେଇ ଆସନ୍ତି ଏବଂ ସେମାନେ ନିମନ୍ତ୍ରଣ ରକ୍ଷା କରି ତାଙ୍କ ସହିତ ଯୋଗଦିଅନ୍ତି। ଯାତ୍ରାର ପର୍ବ ଏହିପରି ପ୍ରଥମେ ଆରମ୍ଭ ହୁଏ। ଶ୍ରୀ ଶ୍ରୀ ହରିରାଜପୁର ସୋମନାଥ ଦେବ ଗ୍ରାମ ପରିକ୍ରମା ପରେ କୁଦିଆରୀ ପଥର ଚକଡ଼ାଠି ବିଜେ ହୁଅନ୍ତି। ସେଠାରେ ହରିହର ଭେଟ ହୁଏ। ଏହାପରେ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ ସହ ଠାକୁରମାନେ ଶଙ୍ଖ, କାହାଳୀ, ଘଣ୍ଟ ମହୁରୀ, ଢ଼ୋଲ, ମର୍ଦ୍ଦଳ ଓ କୀର୍ତ୍ତନ ମଧ୍ୟରେ ମେଳଣ ପଡ଼ିଆଠି ବିଜେ ହୁଅନ୍ତି। ମେଳଣ ପଡ଼ିଆରେ ପହଞ୍ଚିଲା ମାତ୍ରେ ସେଠାରେ ତାଙ୍କର ପୂଜାର୍ଚ୍ଚନା, ନୈବେଦ୍ୟ ଆରମ୍ଭ ହୋଇଯାଏ। ଭକ୍ତମାନେ ତାଙ୍କର ଭକ୍ତି ଅର୍ଘ୍ୟ ଅର୍ପଣ କରନ୍ତି।

ମେଳଣ ପଡ଼ିଆରେ ଠାକୁରମାନେ ଦୁଇଦିନ ଅବସ୍ଥାନ କରି ତାଙ୍କର ସଭାକାର୍ଯ୍ୟ ଚଳାନ୍ତି। ଶେଷଦିନ ରତ୍ନ ମଣ୍ଡପକୁ ଠାକୁରମାନଙ୍କ ପ୍ରାଧାନ୍ୟ ନେଇ ଜଣଙ୍କ ଜଣେ ଉଠନ୍ତି। ପୁନଶ୍ଚ ବାଜା ବାଜାନ୍ତରୀରେ ସ୍ଥାନଟି ଚେଇଁ ଉଠେ ହଜାର ହଜାର ଲୋକଙ୍କ ସମାବେଶରେ ଅବିର ବର୍ଷଣରେ ମାଟି, ମଣିଷ, ଦିଅଁ, ଦୋଳ ଆକାଶ ଓ ପବନ ଇତ୍ୟାଦି ଅସ୍ତଗାମୀ ସୂର୍ଯ୍ୟଙ୍କର .... ଏବଂ ରକ୍ତି ଆଭାପରି ଅବିର ମଧ୍ୟ ପାଲଟି ଯାଇଥାନ୍ତି।

ଏହା ଏକ ଏମିତି ଉନ୍ମାଦ ଯାହାକୁ ଭାଷାରେ କହିହେବ ନାହିଁ। ଏହାପରେ ଠାକୁରମାନେ ଆଗାମୀ ବର୍ଷକୁ ଅପେକ୍ଷା କରି ସ୍ୱାସ୍ଥ୍ୟବାନ ବା ଗ୍ରାମକୁ ଫେରିଯାଇଥାନ୍ତି।

ହରିରଜାପୁର ମେଳଣ ଇତିହାସ ପ୍ରସିଦ୍ଧ ଅଟେ। ଏହା ଏମିତି ସେମିତି ମେଳଣ ନୁହେଁ। ଓଡ଼ିଶାର ଏହା ସବୁଠାରୁ ଚିତ୍ତାକର୍ଷକ ମନମୁଗ୍ଧକାରୀ ଯାତ୍ରାଭାବେ ବେଶ ଆଦୃତ। କହିବା ବାହୁଲ୍ୟଯେ ମେଳଣ ପ୍ରଥମ ପର୍ବ ଓ ଶେଷପର୍ବ ଦିନ ଏଠାରେ ଏମିତି ଲୋକାରଣ୍ୟ ସୃଷ୍ଟି ହୁଏ ଯେ, ଶୋରିଷଟିଏ ପଡ଼ିଲେବି ଏହା କାହା ମୁଣ୍ଡରେ ଅଟକିଯାଏ। ଏଇଥିପାଇଁ ବାଣଯୋଗୁଁ ଅନେକ କ୍ଷତ ବିକ୍ଷତ ହୋଇଯାଆନ୍ତି। ପାଖାପାଖି ପ୍ରତି ଗାଁରେ ଘରେ ଘରେ କୁଣିଆ ମଇତ୍ର ଭରପୁର ହୋଇ ଯାଆନ୍ତି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଦର୍ଶକ ଭକ୍ତମାନେ ଏଠାରେ ରୁଣ୍ଡ ହୋଇ ଯାଆନ୍ତି। ଏମିତିକି ଗାଡ଼ିମଟର ନିୟନ୍ତ୍ରଣ କରିବା ମଧ୍ୟ ଅସମ୍ଭବ ହୋଇପଡ଼େ। ଏଠାରେ ସାମନ୍ତିକ ଭାବେ ଅନେକ ସରକାରୀ, ବେସରକାରୀ ଏବଂ ସ୍ୱେଚ୍ଛାସେବୀ ସଂଘମାନେ ସେବାପାଇଁ ସେମାନଙ୍କର ଆସର ପକାଇଥାଆନ୍ତି। ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପୋଲିସ୍ ଛାଉଣୀର ବ୍ୟବସ୍ଥା ଥାଏ।

ମାନେ ପାଇଁ ଏଠାରେ ମନୋରଞ୍ଜନ : ଯଥା ଥିଏଟର, ନାଚ, ସୁଆଙ୍ଗ, ପାଲା, ସିନେମା, ସର୍କସ, ମୀନାବଜାର ବ୍ୟବସ୍ଥାମାନ ଥାଏ। ହାଟ ନାଟରେ କୁଲା, ଛାଞ୍ଚୁଣୀ, ଶିଳ, ଶିଳପୁଆଠୁ ଆରମ୍ଭକରି ଶଗଡ଼, ବଳଦ, ବାସନକୁସନ, କାଠ ସାମଗ୍ରୀ, ଲୁଗାଦୋକାନ, ମିଠାଦୋକାନ, ପରିବା ଦୋକାନ, ଡାଲିଚାଉଳ ଦୋକାନ ଠାରୁ ଶୁଖୁଆ ବଜାର ଯାଏ ବ୍ୟବସାୟ ବାଣିଜ ଚାଲିଥାଏ। ସେମିତି ହୋଟେଲ୍ ବି ଖୋଲିଥାଏ। ଲୋକମାନେ ବର୍ଷକପାଇଁ ସେମାନଙ୍କର ସବୁ ସାଜ ଏତିକିବେଳେ କାରବାର କରିଥାଆନ୍ତି। ତେବେ ବିବାହ ସାମଗ୍ରୀ ଓ କୃଷି ଆସବାବ ପାଇଁ ଏ ଯାତ୍ରାକୁ ମାନିବାକୁ ହେବ। ଏମିତି କେତେ କଥା। ଅନ୍ତତଃ ଥରେ ନ ଦେଖିଲେ ଅନୁଭବ ନେଇ ହେବ ନାହିଁ। ଦେଖନ୍ତୁତ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

# କେଉଟ, କୈବର୍ତ୍ତ, ଧୀବର ଜାତିଙ୍କୁ ଏସ୍.ସି ତାଲିକାରୁ ବାଦ୍ ଦିଆଯିବା ଦାବିରେ ଅନୁସୂଚିତ ଜାତି ଜନଜାତି ସଂଗଠନ ରାଜରାସ୍ତାକୁ ଓହ୍ଲାଇବେ




ଭୁବନେଶ୍ୱର (ପିଏନ୍): ଅସ୍ପୃଶ୍ୟତା, ଅନଗ୍ରସରତା ଓ ତାଡ଼ନାର ଶିକାର ହେଉଥିବା ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଦେଶର ମହାସ୍ରୋତରେ ସାମିଲ୍ କରିବା ନିମିତ୍ତ ସମ୍ବିଧାନରେ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି। କିନ୍ତୁ ଦୁଃଖର ବିଷୟ, ଓଡ଼ିଶାରେ ଏମାନଙ୍କ ପାଇଁ ସଂଖ୍ୟାନୁପାତିକ ୪୦ ଭାଗ ସଂରକ୍ଷଣ ଥିଲେ ମଧ ତାହା ପ୍ରଶାସନର ଚକ୍ରାନ୍ତ ଦ୍ୱାରା ସିଂହଭାଗ ହଡ଼ପ ହୋଇଯାଇଅଛି। ପ୍ରକୃତରେ ଆମେ ୪୦ ଭାଗରୁ ମାତ୍ର ୪ ଭାଗ ପାଖାପାଖି ସଂରକ୍ଷଣ ପାଇଛୁ। ଏହାର ଉଦାହରଣ ହେଉଛି କେଉଟ, କୈବର୍ତ୍ତ, ଧୀବର ଆଦି ସବର୍ଣ୍ଣ ଜାତି ଅଟନ୍ତି, ସେମାନେ ଅସ୍ପୃଶ୍ୟ ନୁହଁନ୍ତି। ଫେରାରେ ସଂରକ୍ଷଣକୁ ହଡ଼ପ କରୁଥିଲେ। ପରେ ଚକ୍ରାନ୍ତ କରି ସରକାରଙ୍କ ସହଯୋଗରେ ପଛଦ୍ୱାର ଦେଇ ଏସ୍.ସି. ତାଲିକାକୁ ୨୦୦୨ ଡ଼ିସେମ୍ବରରେ ପଶି ଆସିଛନ୍ତି। ଏମାନଙ୍କ ସଂଖ୍ୟା ୨ ଲକ୍ଷ ଭିତରେ ଥିଲେ ମଧ ଏମାନେ ୮୦ ଲକ୍ଷ ଦଳିତମାନଙ୍କର ୮୦ଭାଗ ସୁବିଧା ସୁଯୋଗ ଲୁଣ୍ଠନ କରିଚାଲିଛନ୍ତି। ଦୀର୍ଘଦିନ ଧରି ସେମାନଙ୍କୁ ବିରୋଧ କରାଯାଉଥିଲେ ମଧ ସରକାର ତାଙ୍କୁ ଏସ୍.ସି. ତାଲିକାରୁ ବାଦ୍ ଦେଉନାହାଁନ୍ତି। ବରଂ ତାଙ୍କୁ ସାଦୃଶ କରି ରାଢି, ନିଆରି, ଘଣି ଆଦି ସାତଟି ସବର୍ଣ୍ଣ ଜାତିକୁ ଏସ୍.ସି ତାଲିକାରେ ସ୍ଥାନ ଦେବାଲାଗି ସୁପାରିଶ କରିଛନ୍ତି। ଏହା ଏକ ବେପାରରେ ପରିଣତ ହୋଇଗଲାଣି। ଆହୁରି ତେଲୀ, ତନ୍ତୀ, ଭଣ୍ଡାରି, ବାରିକ, ଗୁଡ଼ିଆ, କମାର, କୁମ୍ଭାର, ରଙ୍ଗଣୀ ଆଦି ବହୁ ସବର୍ଣ୍ଣ ଜାତି ଅର୍ଥ ବ୍ୟୟ କରି ଓଡ଼ିଶାର ଏସ୍.ସି. ତାଲିକାରେ ପଶିବା ପାଇଁ ଚକ୍ରାନ୍ତ ଚଳିଛି। ସେହିପରି ମାହାନ୍ତ ଓ ମେହେର ଆଦି ସବର୍ଣ୍ଣ ଜାତିମାନେ ଏସ୍.ସି, ଏସ୍.ଟି ତାଲିକାରେ ସ୍ଥାନିତ ହବା ନିମିତ୍ତ ଚେଷ୍ଟା ଚଳାଇଛନ୍ତି। କିନ୍ତୁ ମେହେନ୍ତର, ଦଳିତ ବୈଷ୍ଣବ ଜାତିମାନେ ଏସ୍.ସି ଓ ସଅରମାନଙ୍କୁ ଏସ୍.ଟି ତାଲିକାରେ ସ୍ଥାନିତ କରାଯାଉ ନାହିଁ। କେଉଟ, କୈବର୍ତ୍ତ, ଧୀବର ଜାତିମାନଙ୍କ ଦ୍ୱାରା ଦଳିତ ଏବଂ ସାଧାରଣ ବର୍ଗଙ୍କ ଉପରେ ପ୍ରାୟୋଜିତ ହିଂସା ସୃଷ୍ଟି କରାଯାଉଛି। କାରଣ ସେମାନଙ୍କୁ ଏସ୍.ସି, ଏସ୍.ଟି ନିର୍ଯ୍ୟାତନା ନିବାରଣ ଆଇନ ଲାଗୁ କରାଯାଇ ପାରୁନାହିଁ। ଏଣୁ ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ସହ ସର୍ବଭାରତୀୟ ଅନୁସୂଚିତ ଜାତି ଜନଜାତି ସଂଘମାନଙ୍କର ପରିଷଦ, ନାଗରିକ ଏକତା ପରିଷଦ, ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ, ସାମାଜିକ ନ୍ୟାୟ ପରିଷଦ, ନୀଳମାଧବ ଶବର ସଂଘ, ଉତ୍କଳ ରଜକ ମହାସଂଘ, ରାଷ୍ଟ୍ରୀୟ ଦଳିତ ମହାସଭା, ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ, ଦାଣ୍ଡିମାଳ ସେବକ ସଂଘ, କାଳନ୍ଦୀ ସମାଜ, ପାସି ସମାଜ, ଭୋଇ ସମାମ, ବାଲ୍ମୀକ ସମାଜ, ପଶ୍ଚିମ ଓଡ଼ିଶାର ଲକ୍ଷେଘର ବଣ୍ଡା ସମାଜ, ଦଳିତ ଜାତିସଂଘ, ଭୀମ ଆର୍ମି ମାନଙ୍କ ତରଫରୁ ଏହି କେଉଟ, କୈବର୍ତ୍ତ, ଧୀବର ଜାତିଙ୍କୁ ତୁରନ୍ତ ଏସ୍.ସି ତାଲିକାରୁ ହଟାଯିବା ଏବଂ ସୁପାରିଶ ହୋଇଥିବା ରାଢି, ନିଆରି, ଘଣି ଇତ୍ୟାଦି ସବର୍ଣ୍ଣ ଜାତିର ପ୍ରସ୍ତାବକୁ ପ୍ରତ୍ୟାହାର କରିବା, ମେହେନ୍ତର, ଝୁରିଆ ଓ ଦଳିତ ବୈଷ୍ଣବମାନଙ୍କୁ ଏସ.ସି ତାଲିକାଭୁକ୍ତ କରିବା ଓ ସଅର ଜାତିକୁ ଏସ୍.ଟି ତାଲିକାଭୁକ୍ତ କରିବା ନିମିତ୍ତ ଦାବି କରାଯାଇଅଛି। ଏହି କେଉଟ, କୈବର୍ତ୍ତ, ଧୀବର ଜାତିମାନଙ୍କୁ ଏସ୍.ସି. ସଂରକ୍ଷିତ ସରକାରୀ ଓ ଦଳୀୟ ପଦପଦବୀ ଦିଆନଯାଉ ଓ ସବର୍ଣ୍ଣମାନଙ୍କୁ ଏସ୍.ସି ତାଲିକାରେ ସ୍ଥାନିତ ପାଇଁ ସହଯୋଗ କରିଥିବା ସରକାରୀ କର୍ମଚାରୀମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ୨୦୧୫ ମସିହାରୁ କାର୍ଯ୍ୟ କରୁନଥିବା ଏସ୍.ସି/ଏସ୍.ଟି ପରାମର୍ଶଦାତା କମିଟି ରାଜ୍ୟ ସରକାର ତୁରନ୍ତ ଗଠନ କରି ଏହି ସବର୍ଣ୍ଣ ଜାତିମାନଙ୍କୁ ଏସ୍.ସି ତାଲିକାରୁ ବାହାର କରନ୍ତୁ। ସରକାର ଯଦି ଏହି କେଉଟ, କୈବର୍ତ୍ତ, ଧୀବରଜାତିମାନଙ୍କୁ ତୁରନ୍ତ ଅନୁସୂଚିତ ଜାତି ତାଲିକାରୁ ବାଦ୍ ନ ଦିଅନ୍ତି, ତାହେଲେ ଉପରଲିଖିତ ଅନୁଷ୍ଠାନଗୁଡ଼ିକର ୮୦ ଲକ୍ଷ ଦଳିତ ଓ ୧ ଲକ୍ଷରୁ ଅଧିକ ବନବାସୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ଓ ସରକାର ଏଥିପାଇଁ ଦାୟୀ ରହିବେ। ଏହି ନ୍ୟାୟପୂର୍ଣ୍ଣ ଦାବିକୁ ସମସ୍ତ ଗଣମାଧ୍ୟମ ଓ ଜନସାଧାରଣ ଆମକୁ ସହଯୋଗ କରିବା ନିମିତ୍ତ ନିବେଦନ କରୁଛୁ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଭଜମନ ବେହେରା, ଇଂ ଅଲେଖ ଚନ୍ଦ୍ର ମଲ୍ଲିକ, ପ୍ରଶାସନିକ ଅଧିକାରୀ ବନ୍ଧୁ ସେଠୀ, ଲକ୍ଷ୍ମୀଧର ବେହେରା, ରବି ସେଠୀ, ସୁନାକର ବେହେରା, ଲକ୍ଷ୍ମଣ ମଲ୍ଲିକ, ପ୍ରଦୀପ ସେଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଶେଷ ଦିନରେ କେନ୍ଦ୍ରାପଡା ସହରରେ ବିଜେଡିର ବିଶାଳ ଶୋଭାଯାତ୍ରା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ପୌର ନିର୍ବାଚନ ପ୍ରଚାରର ଶେଷଦିନ ଥିଲା ମଙ୍ଗଳବାର। ଏହି ଶେଷ ଦିନରେ ବିଜେଡିର ଏକ ବିଶାଳ ଶୋଭାଯାତ୍ରା ତିନିମୁହାଣି ଠାରୁ ବାହାରି ସହର ମଧ ଦେଇ ଇଚ୍ଛାପୁର ରଥଦାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଏହି ବିଶାଳ ଶୋଭାଯାତ୍ରା ଦ୍ୱାରା ବିଜେଡି ସାଧାରଣରେ ତା’ର ଶକ୍ତି ପ୍ରଦର୍ଶନ କରିଛି। ନଗରପାଳ ପ୍ରାର୍ଥୀ ସରିତା ସାହୁ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରାଙ୍କ ସହ ଏକ ଖୋଲା ଜିପରେ ରୋଡ ଶୋ କରି ତିନିମୁହାଣୀରୁ ବାହାରି ସହର ମଧ ଦେଇ ଇଚ୍ଛାପୁର ରଥଦାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ଏଥିରୁ ପ୍ରମାଣ ମିଳିଥିଲା ଯେ ବିଜେଡି ସହ ହଜାର ହଜାର ସଂଖ୍ୟାରେ ଯୁବକ, ମହିଳା, ପୁରୁଷ ସବୁ ବର୍ଗର ଲୋକ ଅଛନ୍ତି। ଏଥିସହିତ କେନ୍ଦ୍ରାପଡା ପୌର ପରିଷଦର ୨୧ଟି ୱାର୍ଡରେ ଛିଡା ହୋଇଥିବା



ବିଜେଡିର ସମସ୍ତ କାଉନସିଲର ପ୍ରାର୍ଥୀ ଶୋଭାଯାତ୍ରାରେ ଅନ୍ୟ ଦୁଇଟି ଖୋଲା ଜିପରେ ଛିଡା ହୋଇ ଲୋକମାନଙ୍କୁ ଭୋଟ ଭିକ୍ଷା କରୁଥିଲେ। ହଜାର ହଜାର ଯୁବକ ଏହି ବାଇକ ଶୋଭାଯାତ୍ରାରେ ତିନିମୁହାଣୀରୁ ବାହାରି ସହର ମଧଦେଇ ଇଚ୍ଛାପୁର ପର୍ଯ୍ୟନ୍ତ ଯାଇଥିଲେ। ବାଟରେ ସମସ୍ତ ୱାର୍ଡର ଭୋଟରମାନଙ୍କୁ ବିଧାୟକ ଶ୍ରୀ ବେହେରା ଓ ନଗରପାଳ ପ୍ରାର୍ଥୀ ସରିତା ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବେହେରା କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିକାଶର ଧାରା ସମଗ୍ର ରାଜ୍ୟରେ ଚାଲିଛି। ସେହିପରି କେନ୍ଦ୍ରାପଡ଼ାରେ ମଧ ନବୀନ ବାବୁଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡିକର ସଫଳ ରୂପାୟନ ହେବା ସହିତ ବିକାଶମୂଳକ କାର୍ଯ୍ୟ ଗୁଡିକ ଆଗେଇ ଚାଲିଛି। ନବୀନ ବାବୁଙ୍କ ଏହି ବିକାଶର ଧାରା ଆଗରେ ବିରୋଧୀ ଧରାଶାୟୀ ହୋଇପଡିଛନ୍ତି। ତେଣୁ କେନ୍ଦ୍ରାପଡ଼ା ସହରର ଭୋଟରମାନେ ଆସନ୍ତା ୨୪ ତାରିଖରେ ନଗରପାଳ ପ୍ରାର୍ଥୀ ସରିତା ସାହୁଙ୍କୁ ବିପୁଳ ସଂଖ୍ୟାରେ ଶଙ୍ଖ ଚିହ୍ନରେ ସୁଇଚ ଟିପି ବିଜୟୀ କରାଇବେ। ଏଥିସହ କେନ୍ଦ୍ରାପଡ଼ା ପୌରାଞ୍ଚଳର ୨୧ଟି ୱାର୍ଡରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨୧ ଜଣ ବିଜେଡି କାଉନସିଲର ପ୍ରାର୍ଥୀଙ୍କର ମଧ ବିଜୟ ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ। କାରଣ ନବୀନବାବୁଙ୍କ ବିକାଶ ରଥକୁ ନଗରପାଳ ପ୍ରାର୍ଥୀ ଓ କାଉନସିଲର ପ୍ରାର୍ଥୀମାନେ କେନ୍ଦ୍ରାପଡ଼ାରେ ଆଗେଇ ନେବେ। ଏହି ଅବସରରେ ନଗରପାଳ ପ୍ରାର୍ଥୀ ସରିତା ସାହୁ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଁ ଜନସେବା କରିବାକୁ ଆଗେଇ ଆସିଛି। ନବୀନବାବୁଙ୍କ ଜନହିତକର ଯୋଜନା ଏବଂ ବିକାଶମୂଳକ କାର୍ଯ୍ୟ ମୋ ବିଜୟର ମୂଳ ମନ୍ତ୍ର ହେବ। ସେହିପରି କେନ୍ଦ୍ରାପଡ଼ା ବିଧାୟକଙ୍କ ସଚ୍ଚୋଟ ପଣିଆ ଓ ତାଙ୍କ ନିର୍ବାଚନୀ ରଣକୌଶଳ ମଧ ମୋ ବିଜୟପଥକୁ ସୁଗମ କରିବ। କେନ୍ଦ୍ରାପଡ଼ା ପୌର ନିର୍ବାଚନରେ ବିଜେଡିର ନଗରପାଳ ପ୍ରାର୍ଥୀ ଓ ସମସ୍ତ କାଉନସିଲର ପ୍ରାର୍ଥୀଙ୍କ ମହାବିଜୟ ହେବ। ପଞ୍ଚାୟତ ନିର୍ବାଚନରେ ଯେପରି ବିଜେଡି ଏକ ପାଖିଆ ବିଜୟର ସ୍ୱାଦ ଚାଖିଲା ଠିକ ସେହିପରି ପୌର ନିର୍ବାଚନରେ ମଧ ବିଜେଡିର ମହା ବିଜୟ ହେବ। ଏହି ଅବସରରେ ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ କହିଲେ ଆମର ନେତା ନବୀନ ପଟ୍ଟନାୟକ। ନବୀନ ପଟ୍ଟନାୟକ ଯେପରି ଓଡିଶାର ବିକାଶ ରଥକୁ ଆଗେଇ ନେଇ ସମଗ୍ର ଦେଶରେ ଏକ ନମ୍ବର ପ୍ରଶାସକ ହେବାର ଗୌରବ ଅର୍ଜନ କରିଛନ୍ତି ଠିକ ସେହିପରି ସରିତା ସାହୁ ମଧ କେନ୍ଦ୍ରାପଡ଼ାର ବିକାଶ ରଥକୁ ଆଗେଇ ନେଇ ବିଜେଡିକୁ କେନ୍ଦ୍ରାପଡ଼ାରେ ସଶକ୍ତ କରିବେ। ଏହି ରୋଡ ଶୋରେ ୧୧ ନଂ. ବିଜେଡି କାଉନସିଲର ପ୍ରାର୍ଥୀ ପୁଷ୍ପାଞ୍ଜଳି ବସ୍ତିଆ, ୧୩ ନଂ. କାଉନସିଲର ପ୍ରାଥୀ ମଙ୍ଗଳବରଣ ସିଂ, ୧୭ ନଂ. କାଉନସିଲର ପ୍ରାର୍ଥୀ ଉମେଶ ନାୟକ, ୬ ନଂ. କାଉନସିଲର ପ୍ରାର୍ଥୀ ପ୍ରଦୀପ୍ତ ଜେନା, ୧୯ ନଂ. କାଉନସିଲର ପ୍ରାର୍ଥୀ ଆଶିଷ ପାଣି, ୨୧ ନଂ. କାଉନସିଲର ପ୍ରାର୍ଥୀ ପ୍ରଭାଶିଷ ପଣ୍ଡା, ୧୬ ନଂ. କାଉନସିଲର ପ୍ରାର୍ଥୀ ସାଜେଦା ଖାନମ, ପୂର୍ବତନ ପୌରାଧ୍ୟକ୍ଷା ରୋସ୍ନା ସାହୁ, ୫ ଜୋନ ଜିଲ୍ଲା ପରିଷଦ ସଭ୍ୟ ଲିଲିତା ଦାସ, ୭ ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟ ମଧୁଛନ୍ଦା ମହାନ୍ତି, ଜିଲ୍ଲା ବିଜେଡି ଛାତ୍ର ସଭାପତି ପ୍ରଦୀପ କୁମାର ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ମାର୍ଚ୍ଚ ୨୪

# କଂଗ୍ରେସ ଓ ଆଂଚଳିକ ଦଳଙ୍କୁ ନେଇ ମେଂଟ ଗଠନ ସମ୍ଭବ କି ?



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭା ଓ ରାଜ୍ୟସଭାରେ ଯେଉଁ ଉତ୍ତର ରଖିଲେ, ତାର ମୂଳରେ ଥିଲା କଂଗ୍ରେସ ବିଶେଷ କରି ଗାନ୍ଧୀ ପରିବାରକୁ ନ୍ୟୁନ କରିବା । କେବଳ ସେତିକି ନୁହେଁ, ସତୁରି ମିନିଟ ବ୍ୟାପି ଏକ ସାକ୍ଷାତକାର ଦେଇ କଂଗ୍ରେସକୁ କେବଳ ସମାଲୋଚନା କଲେ ନାହିଁ, ଦେଶର ଏଭଳି ଦୁର୍ଦ୍ଦଶା ପାଇଁ କଂଗ୍ରେସକୁ ମଧ୍ୟ ଦାୟୀ କଲେ । କଂଗ୍ରେସ କେଉଁ ରାଜ୍ୟରେ କେବେଠାରୁ ପରାଜିତ ହୋଇ ଚାଲିଛି, ତାର ପରିସଂଖ୍ୟାନ ମଧ୍ୟ ଦେଲେ । ପରିହାସ କରି କହିଛନ୍ତି, କଂଗ୍ରେସ ନେତାମାନେ କଂଗ୍ରେସ ଦଳକୁ ଡକାକୁ ନେଇଯାଉଛନ୍ତି । ଏମିତିକି ନେହେରୁଙ୍କଠାରୁ ରାହୁଲ ଗାନ୍ଧୀ ପର୍ଯ୍ୟନ୍ତ ସମସ୍ତଙ୍କୁ କଡା ଭାଷାରେ ସମାଲୋଚନା କରିବାକୁ ଭୁଲିଲେ ନାହିଁ ।

ନରେନ୍ଦ୍ର ମୋଦି କ୍ଷମତାକୁ ଆସିଲେ ୨୦୧୪ ମସିହାରେ । ସେଥରକ କଂଗ୍ରେସ ପାଇଥିଲା ମାତ୍ର ୪୪ଟି ଆସନ । ୨୦୧୯ ମସିହା ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ପାଇଥିଲା ୫୨ଟି ଆସନ । ଏମିତି ଦେଖିଲେ ଭୋଟ ହାର ଶତକଡା କୋଡିଏ ଶତାଂଶ ତଳେ । ଏହା ଭିତରେ କଂଗ୍ରେସ ଯେ ଅଧିକ ଶକ୍ତିଶାଳୀ ହୋଇଛି ତାହା ମଧ୍ୟ କୁହାଯାଇପାରିବ ନାହିଁ । ତେବେ କଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର କଂଗ୍ରେସକୁ ଆକ୍ରମଣ କରିବାକୁ ଭୁଲିନାହାନ୍ତି ? ଟାର୍ଗେଟ କରୁଛନ୍ତି ?....

ସାତବର୍ଷ ଧରି କ୍ରମାଗତ କ୍ଷମତାରେ ରହିବା ପରେ ଯଦି କୌଣସି ପ୍ରଧାନମନ୍ତ୍ରୀ ବିରୋଧୀ ଦଳକୁ ଦେଶର ସବୁ ସମସ୍ୟା ପାଇଁ ଦାୟୀ କରନ୍ତି, ତେବେ ଭାବିବାକୁ ହେବ ପ୍ରଧାନମନ୍ତ୍ରୀ ନିଜ ବ୍ୟର୍ଥତାକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି । ପ୍ରତିବର୍ଷ ଦୁଇକୋଟିରୁ ଅଧିକ ଚାକିରି, ସମସ୍ତଙ୍କ ବ୍ୟାଙ୍କ ଖାତାକୁ ୧୫ ଲକ୍ଷ ଟଙ୍କା ପ୍ରଦାନ, ଚାଷୀମାନଙ୍କର ଆୟକୁ ଦୁଇଗୁଣ କରିବା, ଡିମନିଟାଇଜେସନ କରି କଳାଟଙ୍କା ବାହାର କରିବା ଭଳି ଘୋଷଣା କେବଳ ଘୋଷଣାରେ ରହିଯାଇଛି । ଏଣୁ ବିରୋଧୀମାନଙ୍କର କଟାକ୍ଷ ହେଉଛି ପ୍ରଧାନମନ୍ତ୍ରୀ ନିଜର ବ୍ୟର୍ଥତାକୁ ଲୁଚାଇବାକୁ ଏଭଳି ନାଟକ କରୁଛନ୍ତି ।

ଏବେ ପାଂଚଟି ରାଜ୍ୟରେ ନିର୍ବାଚନ ହୋଇଛି । କେବଳ ଉତ୍ତରପ୍ରଦେଶକୁ ଛାଡିଦେଲେ ଅନ୍ୟ ଚାରିଟି ରାଜ୍ୟରେ କଂଗ୍ରେସ ହେଉଛି ବିଜେପିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ । ପଞ୍ଜାବରେ କଂଗ୍ରେସ ଦଳ କ୍ଷମତାରେ ରହିଥିଲା । ଉତ୍ତରାଖଣ୍ଡ, ମଣିପୁର, ଗୋଆରେ କଂଗ୍ରେସ ରହିଛି ଦ୍ୱିତୀୟ ସ୍ଥାନରେ । ଏଣୁ ପାଂଚଟି ରାଜ୍ୟର ନିର୍ବାଚନ ପ୍ରାକ୍କାଳରେ ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଟାର୍ଗେଟ କରିବା ସ୍ୱାଭାବିକ । ତେବେ କଣ ଏଇଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଏଭଳି ରଣହୁଙ୍କାର ? ନା, ଏହାପଛରେ ଆଉ କିଛି କାରଣ ରହିଛି ?

କେବଳ ପାଂଚଟି ରାଜ୍ୟର ନିର୍ବାଚନକୁ ପ୍ରଭାବିତ କରିବା ପାଇଁ କଂଗ୍ରେସ ସମାଲୋଚନାର ଦ୍ୱାର ଖୋଲିଛନ୍ତି, ତାହା ନୁହେଁ । ଏହାପଛରେ ରହିଛି ଅନ୍ୟ କାରଣ । ୨୦୧୯ ମସିହା ସାଧାରଣ ନିର୍ବାଚନରେ କଂଗ୍ରେସ ପାଇଥିଲା ମାତ୍ର ୫୨ ଆସନ । କିନ୍ତୁ ୨୦୯ଟି ଆସନରେ ସେ ଥିଲା ଦ୍ୱିତୀୟରେ । ଅର୍ଥାତ ମୋଟ ୨୬୧ଟି ଆସନରେ କଂଗ୍ରେସର ଭୋଟ ମଜବୁତ ରହିଛି । ସେଇପରି ୨୦୧୪ ମସିହା ସାଧାରଣ ନିର୍ବାଚନରେ କଂଗ୍ରେସ ମୋଟ ୨୬୮ଟି ଆସନରେ ଦ୍ୱିତୀୟରେ ଥିଲା । ଏଣୁ ସାମାନ୍ୟ ଏପଟସେପଟ ହେଲେ କଂଗ୍ରେସ ଅଧିକ ଆସନ ପାଇପାରେ । ଯଦି କଂଗ୍ରେସ କୌଣସି ପ୍ରକାରେ ୧୫୦ଟି ଆସନ ଦଖଲ କରିନିଏ, ତେବେ କଂଗ୍ରେସକୁ ନେଇ ଏକ ବିକଳ୍ପ ତିଆରି କରାଯାଇପାରିବ । କାରଣ ୨୦୦୪ ମସିହା ନିର୍ବାଚନରେ କଂଗ୍ରେସ ମାତ୍ର ୧୪୫ଟି ଆସନ ପାଇଥିଲା । ମାତ୍ର ସରକାର ଗଠନ କରିଥିଲା ।

ଏବେ କୁହାଯାଉଛି ଉତରପ୍ରଦେଶ ନିର୍ବାଚନ ହେଉଛି ୨୦୨୪ ସାଧାରଣ ନିର୍ବାଚନର ସେମିଫାଇନାଲ । ଚଳିତ ବର୍ଷ ଶେଷରେ ଗୁଜରାଟ, ହିମାଚଳପ୍ରଦେଶରେ ନିର୍ବାଚନ ହେବ । ପରେ ପରେ ଛତିଶଗଡ, ମଧ୍ୟପ୍ରଦେଶ, ରାଜସ୍ଥାନ ରାଜ୍ୟର ନିର୍ବାଚନ । ୨୦୨୩ ମସିହାରେ କର୍ଣ୍ଣାଟକ ନିର୍ବାଚନ । ସାଧାରଣ ନିର୍ବାଚନ ପୂର୍ବରୁ ତେଲେଙ୍ଗାନାର ନିର୍ବାଚନ । ଏହାପରେ ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ନିର୍ବାଚନ । ୨୦୧୯ ନିର୍ବାଚନରେ କଂଗ୍ରେସ ଦଳ ଯେଉଁ ୨୦୯ଟି ଆସନରେ ଦ୍ୱିତୀୟ ଆସନରେ ରହିଥିଲା, ସେଥିମଧ୍ୟରୁ ଏକଶହରୁ ଅଧିକ ଆସନ ଏଇସବୁ ରାଜ୍ୟରୁ । ଯଦି ଛତିଶଗଡ, ମଧ୍ୟପ୍ରଦେଶ, ରାଜସ୍ଥାନରେ କଂଗ୍ରେସ ଦଳ ଭଲ ଫଳ କରେ, ତେବେ ୨୦୨୪ ନିର୍ବାଚନରେ କଂଗ୍ରେସର ଫଳାଫଳ ଭଲ ହେବ ।

ଏଣୁ ପ୍ରଧାନମନ୍ତ୍ରୀ ଅତି ଚତୁରତାର ସହ ସୂଚାଇ ଦେଇଛନ୍ତି ଯେ ବହୁ ରାଜ୍ୟରେ କଂଗ୍ରେସ ଦଳ ମୂଳପୋଛ ହୋଇଗଲାଣି । ପଶ୍ଚିମବଙ୍ଗ, ଗୁଜରାଟ, ତାମିଲନାଡୁ, ବିହାର ଭଳି ରାଜ୍ୟରେ କଂଗ୍ରେସର ନାମଗନ୍ଧ ନାହିଁ । ଅନ୍ୟ ରାଜ୍ୟଗୁଡିକରେ ବିଶେଷକରି ଓଡିଶାରେ ମଧ୍ୟ ମୃତପ୍ରାୟ । ଏଣୁ ସେ ପରୋକ୍ଷରେ ଶିବସେନା, ଏନସିପି ଭଳି କଂଗ୍ରେସ ସପକ୍ଷବାଦୀ ଆଂଚଳିକ ଦଳଗୁଡିକୁ ପରୋକ୍ଷରେ ସୂଚାଇଦେଇଛନ୍ତି, କଂଗ୍ରେସର କିଛି ନାହିଁ । ବିଜେପି ହିଁ ରାଜନୈତିକ ଶକ୍ତିର ଆଧାର ହୋଇଛି । ଜୁଲାଇ ମାସରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି । ଏଣୁ କଂଗ୍ରେସ ନେତୃତ୍ୱରେ ବିରୋଧୀମାନେ ଏକଜୁଟ ହେବାକୁ ଚାହିଁବେ । ଏଣୁ ଯେଉଁ ଆଂଚଳିକ ଦଳଗୁଡିକ କଂଗ୍ରେସର ନିକଟବର୍ତ୍ତୀ ହେବାକୁ ଚାହାନ୍ତି, ସେମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜଣାଇଦେବାକୁ ଚାହାନ୍ତି, ବିଜେପି ହିଁ ସେମାନଙ୍କୁ କ୍ଷମତାକୁ ଆଣିବାକୁ ସହାୟକ ହେବ । ଏଣୁ ଲୋକସଭା ଓ ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂୟସୀ ପ୍ରଶଂସା କରିବାକୁ ଭୁଲିନାହାନ୍ତି । ବିଜେପି ପାଇଁ ସବୁଠାରୁ ବଡ ଆସେଟ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନପ୍ରିୟତା । କଂଗ୍ରେସର ରାହୁଲ ଗାନ୍ଧୀଙ୍କଠାରୁ ତାଙ୍କ ଜନପ୍ରିୟତା ବହୁ ଉପରେ ରହିଛି । ଏହାକୁ ଅଧିକ ଶାଣିତ କରିବା ପାଇଁ ସେ ଗାନ୍ଧୀ ପରିବାରକୁ ଟାର୍ଗେଟ କରୁଛନ୍ତି । ଯେପରି ପୂର୍ବଥରକ ଛତିଶଗଡ, ମଧ୍ୟପ୍ରଦେଶ, ରାଜସ୍ଥାନରେ ବିଧାନସଭା ନିର୍ବାଚନ କଂଗ୍ରେସ ଦଳ ଜିତିଥିଲେ ମଧ୍ୟେ ପାର୍ଲାମେଂଟ ନିର୍ବାଚନରେ ବିଜେପି ଅଧିକ ଆସନ ପାଇଥିଲା । ଏଣୁ ନିଜର ଇମେଜକୁ ସଜାଡିବାକୁ ମୋଦିଙ୍କର ଏହା ଏକ ଭିନ୍ନ ପ୍ରୟାସ । କଂଗ୍ରେସ ଦଳ ଭିତରେ ରାହୁଲ ବିରୋଧର ଶିକାର । ଏହାର ସୁଯୋଗ ନେବାକୁ ଚାହେଁ ବିଜେପି । ତେଣୁ କଂଗ୍ରେସ ଦଳକୁ ଟାର୍ଗେଟ । ନିଜ ଦଳ ବିରୋଧୀମାନଙ୍କ ସହ ବିଜେପିର ସମାଲୋଚନା କଂଗ୍ରେସର ବିରୋଧୀମାନଙ୍କୁ ଶକ୍ତି ଦେବ ।

**ସୁବାସ ଷଡଙ୍ଗୀ, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ: ୯୪୩୯୬୫୨୩୨୨**

## ଆଜିର ଅନୁଚିନ୍ତା

''ନ ଇଦଂ ମମ'' (ଏହା ମୋର ନୁହେଁ)–ଏହି ଦିବ୍ୟଭାବନା ମହାପୁଣ୍ୟ ଫଳରେ ଉଦୟ ହୁଏ ।

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଡ୍ରାଗନକୁ ଚେକ୍‌ମେଟ

**ସୌମେନ୍ଦ୍ର ଜେନା**

ସାରା ପୃଥିବୀକୁ ନିଜର ଷଡଯନ୍ତ୍ରପୂର୍ଣ୍ଣ ଲୁଟନୀତି ମାଧମରେ ସମସ୍ତଙ୍କୁ ଠକିଥିବା ଚୀନକୁ ନିଜର ସଶକ୍ତ କୂଟନୀତି ବଳରେ ଦୁର୍ବଳ କରିବାକୁ ଭାରତ ଏବେ ସକ୍ଷମ ହୋଇଛି । ଆମେରିକାଠାରୁ ରୁଷିଆ, କେନ୍ଦ୍ର ଏସିଆରୁ ଆଫ୍ରିକା, ଅଷ୍ଟ୍ରେଲିଆରୁ ଦକ୍ଷିଣ ଆମେରିକା, ମଧ୍ୟପ୍ରାଚ୍ୟଠାରୁ ଇଉରୋପ ଓ ସାର୍କ ଦେଶ ସମୂହ ପର୍ଯ୍ୟନ୍ତ ସବୁଠି ଡ୍ରାଗନର ଚାଲକୁ ମୋଦି ଚେକ୍‌ମେଟ ଦେବାରେ ଲାଗିଛନ୍ତି । ଏପରିକି ଆଫଗାନିସ୍ଥାନ, ଇରାନ ଓ ପାକିସ୍ଥାନ ପରି ଦେଶରେ ଚୀନ ବା ଡ୍ରାଗନକୁ ଯେପରି ବିରୋଧ ହେଉଛି ସେଥିରେ ଚୀନର କୂଟନୀତିଜ୍ଞ ଏବଂ ସରକାର ଚକିତ ହୋଇଛନ୍ତି । ତାଲିବାନଠାରୁ ତାଇପେଇ ପର୍ଯ୍ୟନ୍ତ ସବୁଠି ଏବେ ଚୀନ ପାଇଁ ଚେକମେଟ ଚାଲୁ ରହିଛି । ଭାରତର ସୀମାରେ ଅଧିକରୁ ଅଧିକ ସୈନ୍ୟବଳ ଠୁଳ କରି ନାଲିଆଖି ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଥିବା ଚୀନର ଯୋଜନା ସଫଳ ହୋଇନାହିଁ । ଦେଶ ବାହାରକୁ ନ ଯାଇ ଜିନପିଙ୍ଗ୍ ଯେତେ ସବୁ ଯୋଜନା ଭାରତକୁ ଘେରିବା ପାଇଁ କରୁଛନ୍ତି ସେସବୁ ଫସରଫାଟିବାରେ ଲାଗିଛି । ଭାରତର ଗୋଟି ଚାଳନାରେ ଚୀନର ସଂପର୍କ ବିଦେଶରେ ଦୁର୍ବଳ ହେବାରେ ଲାଗିଛି ।

କହିବାକୁ ଗଲେ ଚୀନ ପୃଥିବୀରେ ଯେତେ ସବୁ ଋଣ ପ୍ରଦାନ କରିଛି ତହିଁରୁ ଅଧିକ ଋଣ ଆଫ୍ରିକା ମହାଦେଶରେ ଦେଇଛି । ନିକଟରେ କୋରୋନା ଭୂତାଣୁ ଓମିକ୍ରନ ଆଫ୍ରିକାରେ ଲୋକଙ୍କୁ ସଂକ୍ରମିତ କରିବା ପରେ ଯେପରି ସାରା ବିଶ୍ୱରେ ଏହାକୁ କେନ୍ଦ୍ର କରି ଆଶଙ୍କା ପ୍ରକାଶ ପାଇଲା ଓ ସଙ୍ଗେ ସଙ୍ଗେ ଆମେରିକା ସମେତ ଅନେକ ରାଷ୍ଟ୍ର ଆଫ୍ରିକାକୁ ବିମାନଯାତ୍ରା ଉପରେ କଟକଣା ଜାରିକଲେ, ତଦ୍ୱାରା ଆଫ୍ରିକାରେ ସଙ୍କଟ ଅଧିକ ହେବାର ଆଶଙ୍କା ଦେଖା ଦେଲା । ଗୋଟିଏ ପଟେ ପୃଥିବୀରେ ୫୯.୬ ପ୍ରତିଶତ ଲୋକଙ୍କ ଟୀକାକରଣ ହେଲାବେଳେ ଆଫ୍ରିକା ମହାଦେଶରେ ମାତ୍ର ୮ ପ୍ରତିଶତ ଲୋକଙ୍କୁ ଟୀକାମିଳିବା ଭବିଷ୍ୟତର ଆଶଙ୍କାକୁ ବଢାଇ ଦେଇଛି । ଏହା ଯୋଗୁ ଆଫ୍ରିକାରେ ସ୍ୱାଭାବିକ ଯୋଗାଣ ଓ ବାଣିଜ୍ୟ ବ୍ୟବସାୟ ଯଥେଷ୍ଟ ବ୍ୟାହତ ହେବ । ଆର୍ଥିକ ଋପରେ ରହିଥିବା ଏହି ମହାଦେଶର ଗରିବ ଦେଶଗୁଡିକ ପାଇଁ ମୁଣ୍ଡରେ ଚଡକ ପଡିଲା ପରି ସମୟ ଆସିଛି ବୋଲି କହିବା ଠିକ୍ ହେବ । କିନ୍ତୁ ଭାରତର ପ୍ରଧାନମନ୍ତ୍ରୀ ମୋଦି ବିକାଶଶୀଳ ରାଷ୍ଟ୍ରମାନଙ୍କର ଟୀକା ଯୋଗାଣ ରୋକିବା ନୀତିକୁ ବିରୋଧ କରିବା ସହ ତାହା ଔପନିବେଶିକ ମାନସିକତା ବୋଲି କହି ପରୋକ୍ଷରେ ସମାଲୋଚନା କରିଛନ୍ତି । ଅପରପକ୍ଷେ ଭାରତ ପୂର୍ବବତ୍ ସମସ୍ତ ପ୍ରକାର ସାହାଯ୍ୟ ଆଫ୍ରିକାର ଦେଶଗୁଡିକୁ ଯୋଗାଇ ଦେବ ବୋଲି କହି କୋଭାକ୍ସ ଅନ୍ତର୍ଗତ ସମସ୍ତ ଅଗ୍ରୀମ ଯୋଗାଣକୁ ଅନୁମତି ଦେଇ ଆଫ୍ରିକାର ମାଲାଓି, ଇଥିଓପିଆ, ଜାମ୍ବିଆ, ମୋଜାମ୍ବିକ, ଗିନିଆ, ଲେସେଥୋ, ବୋତସୱାନାକୁ କୋଭିସିଲଡ୍ ଟୀକା ଯୋଗାଣକୁ ଅନୁମତି ପ୍ରଦାନ କରିଛନ୍ତି । ଓମିକ୍ରନ ବିରୋଧରେ ଲଢିବା ପାଇଁ ଜୀବନ ରକ୍ଷାକାରୀ ଔଷଧ, ପରୀକ୍ଷାକିଟ, ଗ୍ଲୋବ୍ସ, ପିପିଇ କିଟ୍, ଭେଣ୍ଟିଲେଟର ଆଦି ଯୋଗାଇବାକୁ ମୋଦି ଘୋଷଣା କରିଛନ୍ତି । ପୂର୍ବରୁ ଆଫ୍ରିକାର ୪୧ଟି ଦେଶକୁ ୨୫୦ଲକ୍ଷ ଭାରତରେ ପ୍ରସ୍ତୁତ ଟୀକା ଯୋଗାଇ ଦିଆଯାଇଥିଲା । ତନ୍ମଧ୍ୟରେ ୧୬ଟି ଦେଶକୁ ୧୦ଲକ୍ଷ ଟୀକା ଅନୁଦାନ ଭାବେ ଏବଂ ୧୬୦ଲକ୍ଷ ଟୀକା ୩୩ଟି ଦେଶକୁ କୋଭାକ୍ସ କାର୍ଯ୍ୟକ୍ରମରେ ପଠାଯାଇଥିଲା । ଭାରତରେ ଦ୍ୱିତୀୟ ଲହର ସଂକ୍ରମଣ ଯୋଗୁ ସରକାର ଦେଶ ବାହାରକୁ ଟୀକା ଯୋଗାଣ ଉପରେ କଟକଣା ଲଗାଇଥିଲେ ଯାହା ଦେଶରେ ୧୪୫ କୋଟି ଟୀକାକରଣ ପରେ ଉଠାଇ ଦିଆଯାଇଛି । ଗତ ବର୍ଷ ଡିସେମ୍ବର ୩୧ ତାରିଖ ସୁଦ୍ଧା ଭାରତ ବିଦେଶକୁ ୧୧୫୪.୧୭୩ ଲକ୍ଷ ଟୀକା ଯୋଗାଇଛି । ସେହିପରି ୩୩୨.୧୪୫ ଲକ୍ଷ ଟୀକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାଧ୍ୟମରେ ଚାଲୁଥିବା କୋଭାକ୍ସ କାର୍ଯ୍ୟକ୍ରମ ପାଇଁ ଦେଇଛି । ଟୀକାମୈତ୍ରୀ କାର୍ଯ୍ୟକ୍ରମରେ ମିତ୍ର ଦେଶକୁ ଭାରତ ପକ୍ଷରୁ ମାଗଣାଟୀକା ଦାନସ୍ୱରୂପ ପ୍ରଦାନ କରାଯାଇଥିଲା । ତେବେ ନିକଟରେ ଚୀନ-ଆଫ୍ରିକା ଆଲୋଚନା ସେନେଗାଲର ଡକାରଠାରେ ଅନୁଷ୍ଠିତ ହୋଇଥିଲା ବେଳେ ଚୀନ ରାଷ୍ଟ୍ରପତି ଜିନପିଙ୍ଗ୍ ଆଭାସୀ ଆଲୋଚନାରେ ୬୦୦ ମିଲିଅନ ଟୀକା ସିଧାସଳଖ ଆଫ୍ରିକା ଦେଶଗୁଡିକ ପାଇଁ ଦାନ କରିବାକୁ ଘୋଷଣା କରିଥିଲେ । ପ୍ରତିଶ୍ରୁତି ଅନୁଯାୟୀ ଚୀନ ପକ୍ଷରୁ ଆଫ୍ରିକାରେ ପ୍ରକୃତରେ କେତେ ଟୀକା ପହଞ୍ଚିବ ତାହା ଭବିଷ୍ୟତ କହିବ । ହେଲେ ମୋଦି ଆଫ୍ରିକାର ଭିନ୍ନ ଭିନ୍ନ ଦେଶକୁ ଟୀକାଯୋଗାଣ ପାଇଁ ବୈଦେଶିକ ବ୍ୟାପାର ବିଭାଗକୁ ଅନୁମତି ସହ ନିର୍ଦ୍ଦେଶ ଦେବାପରେ ଭାରତରୁ ଟୀକା ଯୋଗାଣ ଆରମ୍ଭ ହୋଇଗଲା । କାରଣ ଆଫ୍ରିକା ମହାଦେଶରେ ପୂର୍ବପରି ଏବେ ଆଗୁଆ ଟୀକା ଯୋଗାଇ ଡ୍ରାଗନକୁ ଚେକମେଟ୍ ଦେବାକୁ ମୋଦି ଚାହୁଁଛନ୍ତି । ଭାରତରେ ଟୀକାର ଆବଶ୍ୟକତା ହ୍ରାସ ପାଇଥିଲା ବେଳେ ଟୀକା କମ୍ପାନୀମାନଙ୍କ ଉତ୍ପାଦନ ଢେର ବୃଦ୍ଧିପାଇଛି । ଭାରତର ଦୁଇଟି ଟୀକା କୋଭିସିଲ୍ଡ ଏବଂ କୋଭାକ୍ସିନକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜରୁରୀ ବ୍ୟବହାର ପାଇଁ ଅନୁମତି ମଧ ଦେଇସାରିଛି ।



ଚୀନର ଚାଲବାଜିକୁ ବିଶ୍ୱରେ ସବୁଠି ଚେକ୍ କରିବା ପାଇଁ ଭାରତ ପ୍ରୟାସ ଜାରି ରଖି ଆମେରିକା-ଜାପାନ-ଅଷ୍ଟ୍ରେଲିଆ ସହ କ୍ୱାଡ ମେଣ୍ଟକରି ସଫଳ ହୋଇଛି । ଏହିସବୁ ଦେଶ ଏବେ ଚୀନ ପ୍ରତି ସବୁ କ୍ଷେତ୍ରରେ ସହଯୋଗୀ ହୋଇ କାର୍ଯ୍ୟ କରୁଛନ୍ତି । ସେହିପରି ଇଉରୋପୀୟ ୟୁନିଅନର ୨୮ଟି ଦେଶ ସହ ଗତ ପ୍ରାୟ ଦୁଇଦଶନ୍ଧି ଧରି ଚୀନ ଆଞ୍ଜେଲା ମାର୍କେଲଙ୍କ ସହଯୋଗ କ୍ରମେ ବହୁତ ବ୍ୟବସାୟ କରିଆସିଛି । ଚୀନ ଆଜିଯାଏ ଜର୍ମାନୀର ସବୁଠୁ ବଡ ବ୍ୟାବସାୟିକ ସହଯୋଗୀ ରହିଆସିଛି । ୨୦୨୦ରେ ଜର୍ମାନୀ ଚୀନକୁ ୧୧୦ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରିଥିଲାବେଳେ ୧୩୪.୪୮ ବିଲିଅନ ଡଲାର ବସ୍ତୁ ଚୀନରୁ ଆମଦାନୀ କରିଥିଲା । ୧୬ବର୍ଷ ଧରି ଜର୍ମାନୀର ଚାନସେଲର ଥିବା ମର୍କେଲ ୧୨ଥର ଚୀନଗସ୍ତ କରିବା ସହ ବାଣିଜ୍ୟ ପାଇଁ କେବେ ତିବ୍‌ବତ କିମ୍ବା ଉଇଘୂର ସମସ୍ୟା ନେଇ କିଛି କହିନଥିଲେ । କିନ୍ତୁ କୋରୋନା ସମସ୍ୟା ମର୍କେଲଙ୍କ ସ୍ଥିତିକୁ ଦୋହଲାଇ ଦେଲା । ୟୁରୋପୀୟ ଇଉନିଅନର ରାଷ୍ଟ୍ରଗୁଡିକ ମର୍କେଲଙ୍କ ଦୁର୍ବଳ ପରିଚାଳନାକୁ ଦେଖିପାରିଲେ । ମର୍କେଲ କ୍ଷମତାରୁ ଯିବାପରେ ତାଙ୍କ ସ୍ଥାନରେ ଓଲାଫ ସୋଲାଜ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ମର୍କେଲଙ୍କ ସରକାରରେ ଅର୍ଥମନ୍ତ୍ରୀ ଥିଲେ । ପୂର୍ବରୁ ସେ ଚୀନ ଓ ରୁଷିଆ ସହ ସୀମିତ ସଂପର୍କ ରଖିବାକୁ କହି ସାରିଛନ୍ତି । ଆନାଲେନା ବାଏରେବକ୍ ବୈଦେଶିକ ମନ୍ତ୍ରୀ ହେବା ନିଶ୍ଚିତ । ସେ ଚୀନର କଠୋର ସମାଲୋଚିକା ଭାବେ ପରିଚିତ । ଇୟୁର ନେତୃତ୍ୱ ନେଉଥିବା ଜର୍ମାନୀର କ୍ଷମତା ପରିବର୍ତ୍ତନ ପରେ ଚୀନ ପ୍ରତି ନୀତିର ପରିବର୍ତ୍ତନ ହେବା ଜଣାପଡିଲାଣି ଯାହା ଜିନପିଙ୍ଗଙ୍କ ଚିନ୍ତା ବଢାଇଦେଇଛି । ଏହାହେଲେ ଇଉରୋପରେ ଚୀନର ପ୍ରବେଶ ଅବାଧ ହୋଇପାରିବ ନାହିଁ । ଏହା ଆଗାମୀ ଦିନରେ ଭାରତ ପାଇଁ ସହାୟକ ହେବ ବୋଲି ଜାଣି ମୋଦି ଚଳିତବର୍ଷଠାରୁ ଏହି ରାଷ୍ଟ୍ରଗୋଷ୍ଠୀରେ ବସୁମତୀ ଚାଉଳର ବିକ୍ରିପାଇଁ ଟ୍ୟାଗ୍ ପାଇବାକୁ ସକ୍ଷମ ହୋଇଛନ୍ତି । ଯାହା ଫଳରେ ଆଗାମୀ ଦିନରେ ଭାରତର ଚାଉଳ ଇଉରୋପର ସବୁ ଦେଶରେ ସବୁଠି ମିଳିପାରିବ । ସେମିତି ଇଟାଲୀ, ଫ୍ରାନ୍ସ, ସ୍ପେନ ଓ ବ୍ରିଟେନ ସହ ଭାରତର ଉତ୍ତମ ସଂପର୍କ ରହିଆସିଛି । ନିକଟରେ ମୋଦି ଏହିସବୁ ରାଷ୍ଟ୍ରମୁଖ୍ୟମାନଙ୍କ ସହ ବାଣିଜ୍ୟିକ ସହଯୋଗ ନେଇ କଥା ହୋଇ ସାରିଛନ୍ତି ।

ଚୀନର ପଡୋଶୀ ସୋଭିଏତ୍ ରୁଷର ପତନ ପରଠାରୁ ରୁଷିଆ ଆଜିଯାଏ ନାନା କଟକଣାର ଯୋଗୁ ଆର୍ଥିକ ଋପରେ ରହିଆସିଛି । ଗ୍ୟାସ୍ ବିକ୍ରିପାଇଁ ରୁଷିଆ ଚୀନ ସହ ପଡୋଶୀ ଭାବେ ସଂପର୍କ ରଖିବାକୁ ବାଧ୍ୟ । ଅପରପକ୍ଷେ ଆମେରିକାର ପ୍ରତିଦ୍ୱନ୍ଦ୍ୱୀ ଭାବେ ବୃହତଶକ୍ତିର ମାନ୍ୟତାକୁ ବଳବତ୍ତର ରଖିବା ପାଇଁ ଗୋଟିଏ ପଟେ ଚୀନ ଓ ଅନ୍ୟପଟେ ଭାରତ ସହ ତାଳମେଳ ରଖି ଋଷିଆ ଚାଲିଛି । ଚୀନର ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ଏସ୍ -୪୦୦ବିକ୍ରି କରି ପୁତିନ ଜିନପିଙ୍ଗଙ୍କୁ କଷ୍ଟ ଦେଇଛନ୍ତି । ଡିସେମ୍ବର ୬ ତାରିଖରେ ଭାରତ ଗସ୍ତରେ ଆସିଥିବା ରୁଷିଆର ରାଷ୍ଟ୍ରପତି ପୁତିନ ଚୀନ ତୁଳନାରେ ଭାରତକୁ ପ୍ରତିରକ୍ଷା ସାମଗ୍ରୀ ବିକ୍ରି କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ମଧ ଏସିଆର ଦେଶଗୁଡିକ ପାଇଁ ଅସ୍ତ୍ରଶସ୍ତ୍ର ନିର୍ମାଣ କ୍ଷେତ୍ରରେ ଭାରତ ପୁଞ୍ଜିନିବେଶ କରୁ ବୋଲି ପୁତିନଙ୍କ ଆଗ୍ରହ ରହିଛି । ରୁଷିଆର ସହ ଭାରତ ମିଳିତ ଭାବେ ଅନେକ ସାମଗ୍ରୀ ଉତ୍ପାଦନ କରିବାକୁ ପ୍ରସ୍ତାବ ରଖିଛି । ଏହାଛଡା ଅତ୍ୟାଧୁନିକ ଏସ୍-୫୦୦କୁ ମଧ ଭାରତକୁ ପ୍ରଥମେ ବିକ୍ରି କରିବାକୁ ପୁତିନ ଆଗ୍ରହୀ ଥିବା କଥା କୁହାଯାଉଛି । ୨୦୨୨ ଶୀତକାଳୀନ ଅଲିମ୍ପିକ୍ସରେ ଭାରତ ବେଜିଂ ଯିବ ବୋଲି କହି ପୁତିନଙ୍କୁ ଗସ୍ତ ପୂର୍ବରୁ ମୋଦି ଖୁସି କରିଛନ୍ତି । ରୁଷିଆକୁ ଚୀନର ଷଡଯନ୍ତ୍ର ଜଣାଥିଲେ ମଧ ପୁତିନ ଖୋଲାଖୋଲି ଚୀନ ବିରୋଧରେ କହିବାକୁ ଚାହୁଁନାହାଁନ୍ତି ।

ୱାନ ଚାଇନା ନୀତିକୁ ଗ୍ରହଣ କରି କୌଣସି ଦେଶ ତାଇୱାନକୁ ସହଯୋଗ ନକରିବା ପାଇଁ ଜିନ୍‌ପିଙ୍ଗ୍ କହୁଥିଲେ ମଧ ଇତିମଧରେ ଆମେରିକା ଓ ଭାରତ ତାଇୱାନର ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିଛନ୍ତି । ତାଇୱାନ ଭାରତରେ ଅଧିକ କାରଖାନା କୋରୋନା ସମୟରେ ସ୍ଥାପନା କରିଛି । ଭାରତର ଗବେଷକମାନେ ଏବେ ତାଇୱାନର ପ୍ରତିଷ୍ଠାନ-ଗୁଡିକରେ ଅଧିକ କାର୍ଯ୍ୟ କରିବା ଦେଖାଯାଇଛି । ତାଇୱାନର ଲୋକଙ୍କ ସହ ଭାରତୀୟ ଲୋକଙ୍କ ସଂପର୍କ ଓ ସମର୍ଥନ ବିଗତ ଦିନମାନଙ୍କରେ ଖୁବ୍ ଅଧିକ ବଢିଛି । ଭାରତର ୱେବ ଚ୍ୟାନେଲ ୱିଅନରେ ପ୍ରସାରିତ ତାଇୱାନ ନେତୃମଣ୍ଡଳୀଙ୍କ ସହ ସାକ୍ଷାତ କାର୍ଯ୍ୟକ୍ରମକୁ ଚୀନ ସରକାରଙ୍କ ପକ୍ଷରୁ ଲିଖିତ ପ୍ରତିବାଦ କରାଯାଇଥିଲେ ମଧ ଭାରତର ଏହି ଚ୍ୟାନେଲ ଚୀନର ଗାତ୍ରଦାହକୁ ଖୁବ୍ ଅଧିକ ବଢାଇଛି ।

ନିକଟରେ ମାଲେସିଆର ସାମୁଦ୍ରିକ ସୀମାରେ ଚୀନର ଯୁଦ୍ଧ ବିମାନ ବଳପୂର୍ବକ ପ୍ରବେଶ କରିଥିବା ଘଟଣାକୁ ସେଠାକାର ସରକାର ସହଜେ ଗ୍ରହଣ କରିପାରିନାହାଁନ୍ତି । ଯେଉଁଥିପାଇଁ ଭାରତର ଲଢୁଆ ହାଲୁକା ବିମାନର ପ୍ରଥମ ଗ୍ରାହକ ହେବାକୁ ମାଲେସିଆ ସରକାର ସ୍ଥିର କରିସାରିଛନ୍ତି । ଭାରତର ଯୁଦ୍ଧବିମାନ ତେଜସରେ ଭାରତୀୟ କ୍ଷେପଣାସ୍ତ୍ର ଯୋଡା ଯାଉଥିବାରୁ ଦକ୍ଷିଣ ଚୀନ ସାଗରରେ ଭାରତ ମାଲେସିଆ ମାଧ୍ୟମରେ ଚୀନକୁ ରୋକିବା ପାଇଁ କାର୍ଯ୍ୟ କରିବ । ଫିଲିପାଇନ୍ସ ଭାରତଠାରୁ ବ୍ରହ୍ମୋସ କ୍ଷେପଣାସ୍ତ୍ର କିଣିବା ପାଇଁ ୨.୮ ବିଲିଅନ ଡଲାର ଦେବାକୁ ରାଜି ହୋଇଛି । ସେହିପରି ଦକ୍ଷିଣ ଆମେରିକାର ଆର୍ଜେଣ୍ଟିନା, ଆଫ୍ରିକାର ଇଜିପ୍ଟ ସଂଯୁକ୍ତ ଆରବ ଏମିରେଟ୍ ପରି ପ୍ରମୁଖ ରାଷ୍ଟ୍ରକୁ ଭାରତ ତେଜସ ବିମାନ ଦେବାକୁ ଆଗ୍ରହ ପ୍ରକାଶ କରିଛି । ଏହାଛଡା ଚୀନ ପାଇଁ ସମସ୍ୟାରେ ପଡିଥିବା ଶ୍ରୀଲଙ୍କାକୁ ଭାରତ ସରକାର ତରଳ ଜୈବିକସାର ଯୋଗାଇ ସେଠାକାର ଋଷୀଙ୍କୁ ସଙ୍କଟରୁ ଉଦ୍ଧାର କରିଛନ୍ତି । ଲଦାଖ ସୀମାରେ ଇସ୍ରାଏଲଠାରୁ ହେରୋନ ଡ୍ରୋନଗୁଡିକୁ କିଣି ମୁତୟନ କରିବା ସହ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବୃଦ୍ଧି କରିବାକୁ ନିକଟରେ ସ୍ଥଳସେନା ମୁଖ୍ୟ ମୁକୁନ୍ଦ ନରବଣେ ଇସ୍ରାଏଲ ଗସ୍ତ କରିଥିଲେ ।

ସେହିପରି ଚୀନର ବନ୍ଧୁରାଷ୍ଟ୍ର ପାକ୍‌ରେ ଗ୍ୱାଦର ବନ୍ଦର ନିକଟସ୍ଥ ଲୋକେ ଚୀନ ବିରୋଧରେ ଆନ୍ଦୋଳନ ଜାରି ରଖିଛନ୍ତି । ସେଠାକାର ଲୋକେ ଚୀନାଙ୍କ ଉପରେ ଆକ୍ରମଣ କରୁଛନ୍ତି । ସାର୍କ ଦେଶ ନେପାଳ ନିକଟରେ ଚୀନର ଉଡାଜାହାଜ ଉଡାଇବା ବନ୍ଦ କରିଛି । ବଙ୍ଗଳାଦେଶ ସରକାର ମଧ ଚୀନର ହେଲିକପଟର କିଣି କ୍ଷତିରେ ପଡିବାରୁ ଏବେ ଭାରତଠାରୁ ହେଲିକପଟର କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । କେନ୍ଦ୍ର ଏସିଆ ଏବଂ ଆଫଗାନିସ୍ଥାନରେ ଚୀନର ପ୍ରବେଶ ଥିବା ସତ୍ତ୍ୱେ ସେହିସବୁ ଦେଶରେ ଚୀନକୁ ସୀମିତ କରିବା ପାଇଁ ଜୋରଦାର ଅଭିଯାନ ଜାରିରହିଛି । ଆଫଗାନ ଲୋକଙ୍କ ପାଇଁ ୫୦ହଜାର ଟନ ଗହମ ସହାୟତା ଦେବାକୁ କହି ଭାରତ ସରକାର ପାକ୍ ସରକାରଙ୍କ ପାଇଁ ଚିନ୍ତା ବଢାଇ ଦେଇଛନ୍ତି । ସଡକପଥ ଖୋଲିବାକୁ ତାଲିବାନ ସରକାର ପାକ୍ ସରକାରଙ୍କଠାରେ ଦାବି କଲାବେଳେ ଏଣେ ଇମରାନ୍ ଅନୁମତି ଦେବାକୁ ନେଇ ହରଡଘଣାରେ ପଡିଛନ୍ତି । ଭାରତ ସରକାର ଅକ୍ଟୋବର ପ୍ରଥମ ସପ୍ତାହର ଏହି ସହଯୋଗ ଯୋଗାଇ ଦେବାପାଇଁ ପାକ୍ ସରକାରଙ୍କ ଅନୁମତି ଚାହିଁଥିଲା ବେଳେ ୩୧ ଡିସେମ୍ବର ୨୦୨୧ ସୁଦ୍ଧା ଇମରାନ ନିଷ୍ପତ୍ତି ନ ନେଇ ପରିସ୍ଥିତିକୁ ଜଟିଳ କରିବାରେ ଲାଗିଛନ୍ତି । ପରିବହନ ପାଇଁ ଭାରତର ଟ୍ରକ୍ ପାକ୍ ସୀମା ଭିତରକୁ ଆସିବ ନାହିଁ ବୋଲି କୁହାଯିବା ପରେ ଭାରତ ସରକାର ଆଫଗାନ ଟ୍ରକ୍ ଡ୍ରାଇଭର ଏବଂ ଠିକାଦାରଙ୍କ ତାଲିକା ପାକ୍ ସରକାରଙ୍କୁ ଦେଇଛନ୍ତି । ଆଫଗାନ ସହାୟତା ପାଇଁ ପଡୋଶୀ କେନ୍ଦ୍ର ଏସିଆର ଦେଶଗୁଡିକ ସହ ସଫଳ ବୈଠକର ଆୟୋଜନ କରି ଭାରତ ସମସ୍ତଙ୍କ ବିଶ୍ୱାସକୁ ବଢାଇଛି । ତେଣୁ ଡ୍ରାଗନକୁ ଚେକ୍ କରିବା ପାଇଁ ଭାରତର ପ୍ରୟାସ ସଫଳ ହେବାରେ ଲାଗିଛି ।

***–ଭାରତୀୟ ସମ୍ବାଦ ସେବା (ଭାସ୍)***
***ଭୁବନେଶ୍ୱର–୭୫୧୦୦୩***

# ବିପ୍ଳବୀ ଭଗତ ସିଂ



ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ୍ୟ, ସଂସ୍କୃତି ଗୌରବସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ । ସେହି ପୂଣ୍ୟଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତି । ଦେଶପ୍ରେମ ଏକ ଦିବ୍ୟଚେତନା । ଯେଉଁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସିହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା, ତାର ନାମ ଭଗତ୍ ସିଂ । ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ ପଂଜାବର ଲୟାଲପୁର ଜିଲ୍ଲା (ବର୍ତମାନର ପାକିସ୍ତାନ) ବଙ୍ଗା ଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳମଣ୍ଡନ କଲେ ଦେଶପ୍ରେମୀ ସାହସୀ ଭଗତ୍ ସିଂ । ଭଗତ୍ ସିଂ ଜେଜେବାପା ଅର୍ଜୁନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ । ତାଙ୍କର ପ୍ରଭାବ ପିଲାମାନଙ୍କ ଉପରେ ପଡିଥିଲା । ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ । ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ ସିଂ ଜନ୍ମଗ୍ରହଣ କରିଥିଲେ । ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ । ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ । ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶପାଲଙ୍କ ସହିତ ତାଙ୍କର ପରିଚୟ ହେଲା ।

ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ । ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପଂଜାବର ବିପ୍ଳବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ । ସେ କହୁଥିଲେ, 'ରକ୍ତ ବଦଳରେ ରକ୍ତ', ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ । ଏହି କଲେଜର ଉଦ୍ଦେଶ୍ୟ ଥିଲା ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିରାଡମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ । ଦିନେ ଭଗତ୍ ସିଂ, ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକାବିହାର କରୁଥିଲେ । ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା । ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା । ଦେଶମାତୃକା ପାଇଁ ଜୀବନ ଦେଇଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା । ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ ? ଭଗତ୍ ସିଂ ଓ ତାଙ୍କର କିଛିବନ୍ଧୁ ମିଶି 'କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟ କଲେ । ଏହି ନାଟକରେ ଇଂରଜେମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା । ଏହି ନାଟକଟି ସରକାରଙ୍କ ବିରୋଧୀ ହେଲା । ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ । ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ. ପାଶ୍ କରି ବି.ଏ. ଶ୍ରେଣୀରେ ନାମ ଲେଖାଇଲେ । ଏଠାରେ ପ୍ରସିଦ୍ଧ ବିପ୍ଳବୀ ଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେ ଥିଲେ ଅତି ବିଶ୍ୱସ୍ତ । ଶଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି । ଭଗତ୍ ସିଂଙ୍କ ଛାତ୍ରଜୀବନର ପୂର୍ଣ୍ଣଚ୍ଛେଦ ପଡିଲା । ପିତା କିଷନ୍ ସିଂ ବଡପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ଥ କରିଥିଲେ । କିନ୍ତୁ ତାହା ହୋଇପାରିଲା ନାହିଁ । ଭଗତ ସିଂ ଦେଶମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ । ସେ ବିଭା ହୁଅନ୍ତେ କିପରି ? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି । ବିବାହ ବନ୍ଧନକୁ ଆଡେଇଦେଇ ନିଖୋଜ ହୋଇଗଲେ । ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ । ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ । କିଛିଦିନ ପରେ କିଷନ୍ ସିଂ ପୁତ୍ର ନିକଟକୁ ଚିଠି ଲେଖିଲେ । ଜେଜେମା'ଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ୍ୟ କରାଯିବ ନାହିଁ । ଛ'ମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମା'ର ସେବାକଲେ ।

ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡିଲେ । ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁରଠାରେ ସାକ୍ଷାତ ହେଲା । ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା । ସତେ କ'ଣ ମଣିକାଂଚନର ଅପୂର୍ବ



ମିଳନ ଘଟିଲା ! ଦଶହରା ପର୍ବ, ମା' ଦୁର୍ଗାଙ୍କ ପୂଜା ଚାଲିଯାଏ । ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା । ପଂଜାବ ପୋଲିସ୍‌ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ । ବିନାଦୋଷରେ ବନ୍ଦୀଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାର ଗୃହ ମଧ୍ୟରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ । ତାଙ୍କର ପଇସାର ଅଭାବ ନଥିଲା । ଅନ୍ୟାୟକୁ ପ୍ରଶ୍ରୟ ଦେଲେ ନାହିଁ । ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ ।

୧୯୨୮ ମସିହାରେ 'ସାଇମନ କମିଶନ' ଭାରତ ଆସିଥିଲେ । ଏହି କମିଶନରେ ସାତଜଣ ସଭ୍ୟ, କେହି ଭାରତୀୟ ନଥିଲେ । ଭାରତୀୟମାନେ ଏହାକୁ ବିରୋଧ କଲେ । ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ । ବିକ୍ଷୋଭକାରୀମାନଙ୍କ ଉପରେ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ସ୍କଟ୍ ଓ ଜେ. ପିସାଣ୍ଡର୍ସ ସାହେବ ଲାଠି ଚଳାଇଲେ । ଏହି ଲାଠିମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ । ଦେଶରେ ଶୋକର ଛାୟା ଖେଳିଗଲା । ଭଗତ୍ ସିଂ କାନ୍ଦିଉଠିଲେ । ପ୍ରତିଶୋଧ ନେବା ପାଇଁ 'ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲିକାନ୍ ଆର୍ମି' ନାମକ ଏକ ସଙ୍ଗଠନ ଗଢାହେଲା । ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ, ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଳବୀମାନେ ଯୋଗଦେଲେ । ୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଂଜାବ ସଚିବାଳୟ ସାମ୍ନାରେ ଜେ. ପିସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଳକୁ ହତ୍ୟା କରାଗଲା । ଏହାର ମୁଖ୍ୟନାୟକ ଥିଲେ ଭଗତ୍ ସିଂ । ରାଜଗୁରୁ, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ । ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତ ହେଲା । ଏହାକୁ ବିରୋଧ କରି ଭଗତ୍ ସିଂ ବିପ୍ଳବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇଦେଲେ । ଗୋରାସାହେବମାନେ ଜୀବନ ବିକଳରେ ପଳାଇଗଲେ । ବିପ୍ଳବୀମାନଙ୍କ 'ଇନ୍‌କିଲାବ ଜିନ୍ଦାବାଦ୍' ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା । ଭଗତ୍ ସିଂ ଓ ଅନ୍ୟାନ୍ୟ ବିପ୍ଳବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ । ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର ।

ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ । ୧୯୩୦ ମସିହାରେ ତିନି ବିପ୍ଳବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶ ହେଲା । ଫାଶୀଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ । ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ । ଭଗତ୍ ସିଂ ତାଙ୍କ ମା'ଙ୍କୁ କହିଲେ, "ଫାଶୀ ପରେ ମୋର ଶବକୁ ନେବାପାଇଁ ଆସିବ ନାହିଁ । ଜଣେ ବିପ୍ଳବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ ।" ଏହା କହି ହସିଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷଦିନ । ଭଗତ୍ ସିଂ କହିଲେ–"ମାଜିଷ୍ଟ୍ରେଟ ସାହେବ ! ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଳବୀ କିପରି ନିଜ ଆଦର୍ଶ ରକ୍ଷାକରୁଛି । ହସିହସି ମୃତ୍ୟୁକୁ ଆଲିଙ୍ଗନ କରୁଛି ।" ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀମଂଚ ଉପରକୁ ଉଠିପଡିଲେ । ଫାଶୀଦଉଡିକୁ ଚୁମ୍ବନ ଦେଇ 'ଇନକିଲାବ୍ ଜିନ୍ଦାବାଦ, ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ' ଧ୍ୱନି ଦେଇ ଭଗତ୍ ସିଂ ଓ ଦୁଇବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇଦେଇ ଘାତକକୁ କହିଲେ, "ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ ।" ସେଠାରେ ଥିବା ସମସ୍ତ ଗୋରାସାହେବ ଏହି ତିନିବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ । ଭାରତମାତାର ଏହି ତିନି ବୀର ଦେଶମାତୃକାର ଚରଣତଳେ ଅର୍ପିତ ହୋଇଗଲେ । ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ । ଭଗତ୍ ସିଂ ମରି ମଧ୍ୟ ଆଜି ଅମର, ଆଜି ଭାରତର ମାଟି, ପାଣି, ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଂଜରିତ ହେଉଛି ଓ ଭବିଷ୍ୟତରେ ମଧ୍ୟ ହେଉଥିବ ।

**ଅକ୍ଷୟ କୁମାର ରାଉତ, ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ–୯୯୩୭୬୯୧୪୭୫**




# ଚତ୍ରପଦା ସତ୍ୟସାଇ ଭଜନ ମଣ୍ଡଳୀର ବାର୍ଷିକୋତ୍ସବ



ଧର୍ମଶାଳା, (ପି.ଏନ): ଭଗବାନ ଶ୍ରୀ ସତ୍ୟସାଇ ସେବା ସମିତି ଜାରକା ଅନୁକୁଲ୍ୟରେ ପାଟପୁର ପଂଚାୟତ ସ୍ଥିତ ଚତ୍ରପଦା ସତ୍ୟସାଇ ଭଜନ ମଣ୍ଡଳୀର ତ୍ରୟ ବାର୍ଷିକୋତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସତ୍ୟସାଇ ସେବା ସଙ୍ଗଠନ ସଭାପତି ଡ. ନିଶିକାନ୍ତ କର ସମ୍ମାନିତ ଅତିଥି, ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନର ଟ୍ରଷ୍ଟ ସଦସ୍ୟ ରଶ୍ମୀରନ ରାୟ, ଅନ୍ୟତମ ଅତିଥି ଭାବେ ରାଜ୍ୟ ଟ୍ରଷ୍ଟର ସଦସ୍ୟ ତଥା ସତ୍ୟସାଇ ସେବା ସଙ୍ଗଠନର କେନ୍ଦ୍ରାପଡାର ବର୍ତ୍ତମାନ ସଦସ୍ୟ ଇଂ ନରେନ୍ଦ୍ରନାଥ ପତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭଗବାନ ଶ୍ରୀ ସତ୍ୟସାଇ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ମାଧ୍ୟମରେ ମାନବରୁ କିପରି ମାଧବ ରୂପରେ ପରିବର୍ତ୍ତନ ହେବା ଏବଂ ନାମ ସ୍ମରଣ ଶ୍ରେଷ୍ଠ ସାଧନା ଉପରେ ଆଲୋକପାତ କରିଥିଲେ । ଭଜନ ମଣ୍ଡଳୀର ଆବାହାକ ସୁବାଷ ଚନ୍ଦ୍ର ପଣ୍ଡା ସଂଯୋଜନା କରିଥିବା ବେଳେ ବିଚିତ୍ରାନନ୍ଦ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଜାରକା ସତ୍ୟସାଇ ସେବା ସମିତିର ଆବାହକ ସୁଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ପ୍ରାତଃ ସାଢେ ଚାରିଟାରୁ ଓମକାରମ, ସୁପ୍ରଭାତମ, ନଗରପରିକ୍ରମା, ଷୋଡଶ ଉପଚାର ପୂଜା, ପ୍ରଶାନ୍ତି ଧ୍ୱଜା ଉତୋଳନ, ନାରାୟଣ ସେବା, ବେଦପାଠ, ସମୂହ ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ ଉତ୍ସବରେ ନୀଳକଣ୍ଠପୁର, କଳଣ, ଜାରକା, ଅରେଇକଣା, ନିଶିମଳା, ବରଜପୁର, ପିପଳିଡିହ ପ୍ରମୁଖ ସମିତି ଓ ଭଜନମଣ୍ଡଳୀର ଶତାଧିକ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ଶେଷରେ ପ୍ରଶାନ୍ତ କୁମାର ଜେନା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଓଡିଶା ଦିବସ -୨୦୨୨ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବାଲେଶ୍ୱର,(ପି.ଏନ): ଆଜି ଅପରାହ୍ନ ୩ ଘଟିକା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହରେ ୮୭ମ ଜିଲ୍ଲାସ୍ତରୀୟ ଓଡିଶା ଦିବସ -୨୦୨୨ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ଦିବସ ଦିନ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା । ଗୃହରେ ପ୍ରସ୍ତାବ ଅନୁଯାୟୀ ଆସନ୍ତା ଏପ୍ରିଲ ୧ତାରିଖ ଓଡିଶା ଦିବସରେ ପ୍ରତ୍ୟୁଷ ଘ୪.୩୦ ମି ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ, ଭାଷା ବନ୍ଦନା ସଙ୍ଗୀତ ସମେତ ଅନ୍ୟାନ୍ୟ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରାଯିବ । କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଭାତଫେରୀ ଆୟୋଜିତ ହେବା ସହିତ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ସାମୂହିକ ମାଲ୍ୟାର୍ପଣ କରାଯିବ । ମାଲ୍ୟାର୍ପଣ ପରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲ୍ଲା ରେଡକ୍ରସ ସଂସ୍ଥା, ନେହେରୁ ଯୁବକେନ୍ଦ୍ର, ବିଭିନ୍ନ ମହାବିଦ୍ୟାଳୟର ଏନ.ଏସ.ଏସ. ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଂଟନ କରାଯିବ । ପରେ ପରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ସାଧାରଣ ସଭା, ବିଭନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯିବ । ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ ସହ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରାଯିବ । ସନ୍ଧ୍ୟା ସମୟରେ ସ୍ୱତନ୍ତ୍ର ଭାବେ ବନ୍ଦେ ଉତ୍କଳ ଜନନୀ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଓଡିଆ ଭାଷାରେ ନାମଫଳକ ଲେଖିବା ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହିତ କରିବା ସହିତ ଚିଠି, ନିର୍ଦ୍ଦେଶନାମା ପ୍ରଭୃତିରେ ଓଡିଆ ଭାଷାର ବହୁଳ ବ୍ୟବହାର ନିମନ୍ତେ ସବୁ ସ୍ତରରେ ଉଦ୍ୟମ କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବାଣିଜ୍ୟିକ ପ୍ରତିଷ୍ଠାନ ଓ ଗୃହକୁ ପବିତ୍ର ଦିବସ ପାଳନ ଅବସରରେ ଆଲୋକିତ କରିବାକୁ ଅନୁରୋଧ କରାଯାଇଥିଲା । ଓଡିଶା ଦିବସ ପାଳନ ପରିପ୍ରେକ୍ଷୀରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଓ ଦେଶାତ୍ମବୋଧ ସଙ୍ଗୀତ ଇତ୍ୟାଦି ପ୍ରତିଯୋଗିତା ଏବଂ ଆଂଚଳିକ ଆର୍ଟ ଗ୍ୟାଲେରୀରେ ଓଡିଶା ଦିବସ ସମ୍ପର୍କିତ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରିବାକୁ ନିଷ୍ପତି ହୋଇଥିଲା। ଏହି ବୈଠକରେ ପିଡି, ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦେବ ପ୍ରମୁଖ ମଂଚାସୀନ ଥିବା ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାଉଳ ପାଇଁ ଡିଲରଙ୍କୁ ଘେରିଲେ ମହିଳା

ଧର୍ମଶାଳା, ୨୩।୩(ପି.ଏନ)ର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଂଚାୟତରେ ଆଜି ଅଭାବନୀୟ ଘଟଣା ଘଟିଛି । ଖାଉଟି ସାମଗ୍ରୀ ପାଇଁ ପଂଚାୟତର ଡିଲର କଳ୍ପନା ସ୍ୱାଇଁଙ୍କୁ ଶତାଧିକ ମହିଳା ଘେରିଥିଲେ । କେନ୍ଦ୍ର ସରକାରଙ୍କ ଖାଉଟି କଲ୍ୟାଣ ଯୋଜନାରେ ଆସୁଥିବା ମାଗଣା ଚାଉଳ ବା ଗହମ ମୁଣ୍ଡ ପିଛା ୫କେଜି ଲେଖାଏଁ ଦିଆଯାଉଅଛି । ସେହିପରି ରାଜ୍ୟ ସରକାରଙ୍କ ଖାଉଟି କଲ୍ୟାଣ ଯୋଜନାରେ ମାସକୁ ୧ଟଙ୍କା ମୂଲ୍ୟରେ ୫କେଜି ଚାଉଳ ବା ଗହମ ଦିଆଯାଉଅଛି । ମାତ୍ର ସଂପୃକ୍ତ ଡିଲର ଖାଉଟି ମାନଙ୍କୁ ଗତ ଜାନୁଆରୀ ଓ ଫେବୃଆରୀ ମାସର ଖାଉଟି ସାମଗ୍ରୀ ନଦେଇ ମାର୍ଚ୍ଚ ମାସର ସାମଗ୍ରୀ ଦେଉଥିଲେ । ଗତ ୨ମାସର ସାମଗ୍ରୀ କାହିଁକି ଦିଆଯାଉନାହିଁ ବୋଲି ଖାଉଟିମାନେ ସଂପୃକ୍ତ ଡିଲରଙ୍କୁ ପ୍ରଶ୍ନ କରିବାକୁ ଏନେଇ ପାଟିତୁଣ୍ଡ ଓ ମାରପିଟ ହୋଇଥିଲା । ଯାହାଫଳରେ ଗ୍ରାମର ଶତାଧିକ ମହିଳା ଡିଲରଙ୍କୁ ଘେରିଥିଲେ । ଏହାକୁ କେନ୍ଦ୍ର କରି ଗ୍ରାମର ସରସ୍ୱତୀ ମହାନ୍ତି, ବାସନ୍ତୀ ଜେନା, ସୁକାନ୍ତି ଖଟୁଆ, ସାବିତ୍ରୀ ଦାସ, ପଦ୍ମିନୀ ମହାରଣା, ପବିତ୍ରା ଦାସ, ଦେବକୀ ମହାନ୍ତି, ସସ୍ମିତା ଦାସଙ୍କୁ ସମେତ ବହୁ ମହିଳା ୨ମାସର ଚାଉଳ ପାଇନଥିବା ଅଭିଯୋଗ କରିଛନ୍ତି ।

## ଇଫକୋକୁ ମିଳିଲା ବେଷ୍ଟ ପ୍ରଡକ୍ଟିଭ୍ଏକ୍ସଲେନ୍ସ ପୁରସ୍କାର

ପାରାଦୀପ,(ପି.ଏନ): ଇଫକୋ ପାରାଦୀପ ୟୁନିଟ୍ କୁ ୨୦୨୧ବର୍ଷ ପାଇଁ ବେଷ୍ଟ ପ୍ରଡକ୍ଟିଭ୍ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି । ଓରିଶା ଷ୍ଟେଟ ପ୍ରଡକ୍ଟିଭିଟି କାଉନସିଲ୍ ପକ୍ଷରୁ ବୁଧବାର ଦିନ ଭୁବନେଶ୍ୱର ଠାରେ ଆୟେଜିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ରାଜୀବ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇଫକୋର ବରିଷ୍ଠ ନିର୍ବାହୀ ନିର୍ଦ୍ଦେଶକ କେ.ଜେ.ପଟେଲ ଓ ଉତ୍ପାଦନ,ପରିବେଶ ଓ ନିରାପତ୍ତା ବିଭାଗର ସାଧାରଣ ପ୍ରବନ୍ଧକ ଆର.କେ.ପାଣ୍ଡେଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ପ୍ରକାଶଥାଉକି ପ୍ରତ୍ୟେକ ବର୍ଷ ଫେବୃୟାରୀ ମାସ ୧୨ ତାରିଖରୟ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟ ଉତ୍ପାଦନ ସପ୍ତାହ ପାଳନ କରାଯାଇଥାଏ । ବର୍ଷତମାମ ଶିଳ୍ପସଂସ୍ଥାମାନେ ନିଜର ଉତ୍ପାଦନ ବୃଦ୍ଧି କରିବା ସହିତ ଉଚିତ ମାନବ ସମ୍ବଳର ବିନିଯୋଗ ଉପରେ କରାଇବାକୁ ଚେଷ୍ଟା କରିଥାନ୍ତି । ଏସବୁ କ୍ଷେତ୍ରରେ ଇଫକୋ ପାରାଦୀପ ୟୁନିଟ୍ ପୁର୍ନବାର ତାର ଦକ୍ଷତା ପ୍ରତିପାଦିତ କରି ପୁରସ୍କାର ଲାଭ କରିଥିବାରୁ ଇଫକୋର କର୍ମଚାରୀ ଓ ଅଧିକାରୀମାନଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି ।

## ଭରତନାଟ୍ୟମ, କଥକ ନୃତ୍ୟ ସହିତ ପ୍ରହଲ୍ଲାଦ ନାଟକରେ ଦର୍ଶକ ବିଭୋର

ଧଉଳି ,(ପି.ଏନ): ରାଜ୍ୟ ପର୍ଯ୍ୟଟନ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଓ ଆର୍ଟ ଭିଜନ୍‌ର ମିଳିତ ଉଦ୍ୟମରେ ଆୟୋଜିତ ୧୮ତମ ଧଉଳି କଳିଙ୍ଗ ମହୋତ୍ସବର ଆଜିଥିଲା ଦ୍ୱିତୀୟ ସଂଧ୍ୟା । ଐତିହାସିକ ଧଉଳି ପାହାଡ଼ର ପାଦଦେଶ ଭରତନାଟ୍ୟମ୍, କଥକ ଓ ସମରକଳା ନୃତ୍ୟରେ ଆଜି ଚଳଚଞ୍ଚଳ । ଏହି ଉତ୍ସବର ସିଧାପ୍ରସାରଣ ଡ଼ିଡ଼ି-ଭାରତୀ ଏବଂ ଲାଇଭ୍ ଷ୍ଟ୍ରିମିଂ ଓଡ଼ିଶା ପର୍ଯ୍ୟଟନ ସୋସିଆଲ ମିଡ଼ିଆରେ ହେଉଅଛି । ସଂଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଭାରତନାଟ୍ୟମ୍ ନୃତ୍ୟ ଯାହାକୁ ପରିବେଶଣ କରିଥିଲେ ଚିଥକଳା ସ୍କୁଲ୍ ଅଫ ଡ୍ୟାନ୍ସର ଅନୁଷ୍ଠାନର ପି. ପ୍ରବୀନ କୁମାର ଓ ସାଥୀ । ସେମାନଙ୍କ ପ୍ରସ୍ତୁତିରେ ଥିଲା ପୁଷ୍ପାଳୀ ଯାହା ରାଗ ଗମ୍ଭିରନାଟ ଓ ତାଳ ଆଦିରେ ନିବନ୍ଧ ଥିଲା ପରେ ପରେ କ୍ରୀଷ୍ଟାଳୀ ପରିବେସିତ ହୋଇଥିଲା ଯାହା ରାଗ ରାଗମାଳୀକା ଓ ତାଳ ଆଦି ଉପରେ ପର୍ଯ୍ୟବେସିତ ଥିଲା । ସେମାନଙ୍କ ଅଂତିମ ପ୍ରସ୍ତୁତିଟି ଥିଲା ଥିଲ୍ଲାନା ଯାହା ରାଗ କୁଂଲାଭରଲୀ ଓ ତାଳ ଆଦି ଉପରେ ନିବନ୍ଧ ଥିଲା । ସୋମନଙ୍କର ସମସ୍ତ ପ୍ରସ୍ତୁତିର ନୃତ୍ୟ ସଂରଚନା କରିଥିଲେ ନିଜେ ପି ପ୍ରବୀନ କୁମାର । କାର୍ଯ୍ୟକ୍ରମର ଦ୍ୱିତୀୟ ପ୍ରସ୍ତୁତିରେ ଥିଲା କଥକ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ଉର୍ବଶୀ ଡ୍ୟାନ୍ସ ଓ କଲଚୁରାଲ ସୋସାଇଟିର ଶିଳ୍ପୀ ଡ୍. ରେଖା ମେହେରା ଓ ସାଥୀ । ସେମାନଙ୍କ ଉପସ୍ଥାପନାରେ ଥିଲା ବ୍ରହ୍ମାଣ୍ଡ ଯାହା ବ୍ରହ୍ମା (ସୃଷ୍ଟିକର୍ତ୍ତା), ବିଷ୍ଣୁ (ପାଳନକର୍ତ୍ତା) ଓ ଶିବ (ବିନାଶକର୍ତ୍ତା) ଦ୍ୱାରା ନିୟନ୍ତ୍ରିତ।

## ପାରାଦୀପ ବନ୍ଦରରେ ଲାଗିଲା ଆଉ ଏକ ବୃହତ୍ତ ଜାହାଜ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ନିଉ ଆଇରନ ଓର ବର୍ଥ(ଏନଆଇଓବି) ବୁଧବାର ଦିନ ମଧ୍ୟାହ୍ନରେ ଏକ ବୃହତ୍ତ ଆଇରନ୍ ଜାହାଜ କେପ୍ ଭାଲେନସିଆ ଲାଗିଛି । ଏହି ଜାହାଜରେ ରେକର୍ଡ ପରିମାଣର ଆଇରନ ଓର କାର୍ଗୋ ବୋଝେଇ ହେବ । ଜେଏସଡବ୍ଲ୍ୟୁ ଷ୍ଟିଲ ଏହାର ରପ୍ତାନୀକାରୀ ସଂସ୍ଥା ହୋଇଥିବା ବେଳେ ଏହି କାର୍ଗୋ ମହାରାଷ୍ଟ୍ରରେ ଜେଏସଡବ୍ଲ୍ୟୁର ନିଜସ୍ୱ ଜୟଗଡ ବନ୍ଦରରେ ଖଲାସ ହେବ । ଏହି ଜାହାଜର ଷ୍ଟିମର ଏଜେଣ୍ଟ ହେଉଛି ସିଟ୍ରାନ୍ସ ସିପ୍‌ମ୍ୟାନେଜମେଣ୍ଟ ସର୍ଭିସେସ୍ ପ୍ରା.ଲି. । ସୂଚନା ଥାଉକି ଏକ ସପ୍ତାହ ପୂର୍ବରୁ ପାରାଦୀପ ବନ୍ଦରରେ ଷ୍ଟାର ଲିରା ନାମକ ଏକ ଜାହାଜ ୧,୪୧,୨୦୦ ଏମ୍‌ଟି ଆଇରନ ଓର ବୋଝେଇ କରି ରେକର୍ଡ ସୃଷ୍ଟି କରିଥିଲା।

## ପାରାଦୀପ ମହାବିଦ୍ୟାଳୟରେ ଏନ୍.ସି.ସି କ୍ୟାଡେଟ୍ ମାନଙ୍କ ଦ୍ୱାରା ଶହିଦ୍ ଦିବସ ପାଳିତ

ପାରାଦୀପ, (ପି.ଏନ): ପାରାଦୀପ ମହାବିଦ୍ୟାଳୟରେ ଏନ୍.ସି.ସି କ୍ୟାଡେଟ୍ ମାନଙ୍କ ଦ୍ୱାରା ବୁଧବାର ଦିନ 'ଶହିଦ୍ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କ୍ୟାଡେଟ୍ ମାନଙ୍କ ସମେତ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀ, ମହାବିଦ୍ୟାଳୟର ଅଧକ୍ଷା ଡଃ ସସ୍ମିତା ଶତପଥ ଓ ବହୁ ଅଧ୍ୟାପକ, ଅଧ୍ୟାପିକାମାନେ ଯୋଗ ଦେଇ ଶହିଦ୍ ମାନଙ୍କୁ ଶ୍ରଦ୍ଧାଳି ଅର୍ପଣ କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଏହି ଅବସରରେ ଦିବସର ମହତ୍ତ୍ୱ ସମ୍ପର୍କରେ କ୍ୟାଡେଟ୍‌ମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡଃ ଶତପଥି ସ୍ୱାଧିନତା ଆନ୍ଦୋଳନରେ ଶହିଦ୍ ଭଗତ୍ ସିଂହ, ଜୟୀ ରାଜଗୁରୁ ପ୍ରମୁଖଙ୍କ ଭୂମିକା ଏବଂ ସ୍ୱାଧିନୋତ୍ତର ଭାରତ ବର୍ଷରେ ଦେଶବାସୀ ତଥା ଦେଶର ଅଖଣ୍ଡତାର ସୁରକ୍ଷା ପାଇଁ କିପରି ବୀର ଯବାନ ମାନେ ଶହିଦ୍ ହୋଇଛନ୍ତି ନିଜ ବକ୍ତବ୍ୟରେ ବର୍ଣ୍ଣନା କରିଥିଲେ । ସେହିପରି କ୍ୟାଡେଟ୍ ଓ ଛାତ୍ରଛାତ୍ରୀମାନେ କ୍ୟାଣ୍ଡେଲ ଧରି ସହର ପରିକ୍ରମା କରିଥିଲେ ।

## ବିଜୟର ଦ୍ୱାରଦେଶରେ ବିଜେଡି ନଗରପାଳ ପ୍ରାର୍ଥୀ ସରିତା



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ପୌର ପରିଷଦ ନିର୍ବାଚନ ପାଇଁ ମଙ୍ଗଳବାର ଅପରାହ୍ନରେ ନିର୍ବାଚନୀ ପ୍ରଚାର ଶେଷ ପର୍ଯ୍ୟାୟ ସମାପ୍ତ ହୋଇଯାଇଛି । ବିଭିନ୍ନ ଦଳର ପ୍ରାର୍ଥୀମାନେ ସେମାନଙ୍କ ନିର୍ବାଚନୀ ପ୍ରଚାର କାର୍ଯ୍ୟକୁ ଶେଷ ପର୍ଯ୍ୟାୟରେ ଜୋରଦାର କରିଥିଲେ। ଏଠାରେ ବିଜେଡି ନଗରପାଳ ପ୍ରାର୍ଥୀ ସରିତା ସାହୁ, କଂଗ୍ରେସର ନଗରପାଳ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ବାରିକ ଓ ବିଜେପିର ନଗରପାଳ ପ୍ରାର୍ଥୀ ମିନାକ୍ଷୀ ଦାଶଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେଉଥିବା ଲକ୍ଷ୍ୟ କରାଯାଇଛି। ପ୍ରତ୍ୟେକ ଦଳ ପକ୍ଷରୁ ସେମାନଙ୍କ ଆଭିମୁଖ୍ୟ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳର ସାମୁହିକ ବିକାଶକୁ ପ୍ରତ୍ୟେକ ଦଳର ପ୍ରାର୍ଥୀ ପ୍ରାଧାନ୍ୟ ଦେଇଛନ୍ତି । ତିନିଦଳର ପ୍ରାର୍ଥୀମାନଙ୍କ ନିର୍ବାଚନ ପ୍ରଚାର ସମୟରେ ସେମାନଙ୍କ ପ୍ରତି ଥିବା ଜନସମର୍ଥନରୁ ଜଣାପଡୁଛି ଯେ ବିଜେଡି ନଗରପାଳ ପ୍ରାର୍ଥୀ ସରିତା ସାହୁଙ୍କ ପ୍ରତି ବେଶ ଜନ ସମର୍ଥନ ରହିଛି । ଏଥିସହିତ ବିଭିନ୍ନ ୱାର୍ଡରୁ ମିଳିଥିବା ତଥ୍ୟ ଅନୁଯାଇ ନଗରପାଳ ପ୍ରାର୍ଥୀ ଶ୍ରୀମତୀ ସାହୁଙ୍କ ପ୍ରତି ମଧ୍ୟ ଅଧିକ ଜନସମର୍ଥନ ରହିଛି । ତେଣୁ ବିଜେଡି ନଗରପାଳ ପ୍ରାର୍ଥୀ ସରିତା ସାହୁ ଚଳିତ ପୌର ନିର୍ବାଚନରେ ବିଜୟର ଦ୍ୱାରଦେଶରେ ପହଞ୍ଚି ଥିବା ଜନମତ ସର୍ଭେରୁ ଜଣାପଡିଛି ।

## ମାନସ ସ୍ୱାଇଁ ହତ୍ୟାକାଣ୍ଡ ଘଟଣା : ଧର୍ମଶାଳା ଅଂଚଳରୁ ମୋବାଇଲକୁ ଜବତ କଲା ଚାନ୍ଦବାଲି ପୋଲିସ

ଧର୍ମଶାଳା,(ପି.ଏନ): ବହୁ ଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ଅପହରଣ ଓ ହତ୍ୟା ଘଟଣାରେ ଧର୍ମଶାଳା ଅଂଚଳରୁ ଏକ ମୋବାଇଲକୁ ଚାନ୍ଦବାଲି ପୋଲିସ ଜବତ କରି ନେଇଛି । ସୂଚନା ମୁତାବକ, ଗତ ଏକମାସ ତଳେ ସ୍ଥାନୀୟ ଜାଲଶୁଖା ଗ୍ରାମର ଶ୍ରମିକ ସୁରେଶ ନାଏକ କାମ କରିବାକୁ ଯାଉଥିବା ବେଳେ ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥ ଶଙ୍ଖାରିଡିହ ନିକଟସ୍ଥ ରାସ୍ତା ପାର୍ଶ୍ୱରୁ ବଏକ ମୋବାଇଲ ପାଇଥିଲେ। ମୋବାଇଲ ପାଇବା ପରେ ସେଠାରେ ଥିବା ପାନ ଦୋକାନୀ ସୁଶାନ୍ତ ଗୁରୁକୁ ମୋବାଇଲଟିକୁ ଦେଇଥିଲେ। ପରେ ସେ ମୋବାଇଲକୁ ଫୋନ ଆସିବାରୁ ଦୋକାନୀ ଜଣକ ଠିକଣା ବତାଇଥିଲେ। ପରେ ଚାନ୍ଦବାଲି ପୋଲିସ ଘଟଣାସ୍ଥଳରେ ପହଂଚି ମୋବାଇଲ ପାଇଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିବା ସହ ଧର୍ମଶାଳା ପୋଲିସ ଉପସ୍ଥିତିରେ ମୋବାଇଲ ଫୋନଟିକୁ ଜବତ କରିନେଇଥିବା ଜଣାଯାଇଛି । ଜବତ ମୋବାଇଲଟି ମୃତ କ୍ୟାମେରାମ୍ୟାନ ମାନସ ସ୍ୱାଇଁଙ୍କର ବୋଲି ଅନୁମାନ କରାଯାଉଛି ।

## ବେଗୁନିଆରେ ବ୍ଲକ ଉପାଧ୍ୟକ୍ଷ ପଦବୀ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ପଂଚାୟତ ସମିତି ଉପାଧ୍ୟକ୍ଷ ନିର୍ବାଚନକୁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରିବା ସହ ଏସଡିପିଓ ସୁଶିଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ ପୋଲିସ ବଳ ନିୟୋଜିତ ହୋଇ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନର ଫଳାଫଳ ଘୋଷିତ ହୋଇଛି । ଏହି ନିର୍ବାଚନରେ ମୋଟ ୨୧ ଗୋଟି ସମିତି ସଭ୍ୟ ମଧ୍ୟରୁ ଦୁଇଜଣ ଉପାଧ୍ୟକ୍ଷ ପଦବୀ ପାଇଁ ଦୁର୍ଗାପୁର ପଂଚାୟତର ସମିତି ସଭ୍ୟା ସାବିତ୍ରୀ ମହାପାତ୍ର ଓ ସିକୋ ପଂଚାୟତର ସମିତି ସଭ୍ୟା ଅଞ୍ଜଳୀ ସାହୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।ଦୁର୍ଗାପୁର ସମିତି ସଭ୍ୟା ସାବିତ୍ରୀ ମହାପାତ୍ର ୧୨ ଖଣ୍ଡ ଭୋଟ ପାଇ ବ୍ଲକ ଉପାଧ୍ୟକ୍ଷା ପଦବୀଟି ହାତେଇବାକୁ ସକ୍ଷମ ହୋଇଥିଲେ ।



## କେନ୍ଦ୍ରାପଡା ମହାବିଦ୍ୟାଳୟରେ ଶିକ୍ଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଶିକ୍ଷକମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଉଦଘାଟନ କରିଥିଲେ । ଭୁବନେଶ୍ୱର ବିରଳା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରଫେସର ସୁଧାଇ ପଣ୍ଡା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋଭିଡ-୧୯ ମହାମାରୀ ବିଶ୍ୱ ଓ ଭାରତର ଅର୍ଥନୀତି ଉପରେ ପ୍ରଭାବର ଆଲୋକପାତ କରିଥିଲେ। ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ପି.କେ. ଘୋଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଜ୍ଞାନ କୌଶଳ ଉପରେ ଆଲୋକପାତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଯୋଗଦେଇ ଶିକ୍ଷକମାନଙ୍କର ଜ୍ଞାନ କୌଶଳର ଆବଶ୍ୟକତା ଉପରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ସଂଯୋଜକ ଡଃ. ପ୍ରଭାକର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଧ୍ୟାପକ ଅଜୟ କୁମାର ସାମଲ ଏଥିରେ ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ଦେବକାନ୍ତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚନ ପରବର୍ତ୍ତୀ ହିଂସା ଘଟଣାରେ ୬ ଗିରଫ

ଧର୍ମଶାଳା,(ପି.ଏନ): ର୍ମଶାଳା ଥାନା ଅନ୍ତର୍ଗତ ରାଉତରାପୁର ଗ୍ରାମରେ ନିର୍ବାଚନ ପରବର୍ତ୍ତି ହିଂସା ଘଟଣାରେ ଉଭୟ ଗୋଷ୍ଠୀର ୬ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ରାଉତରାପୁର ଗ୍ରାମର ବିଶ୍ୱନାଥସାହୁ, ନିଗମାନନ୍ଦ ସାହୁ, ଅଜୟ ସାହୁ, ଅକ୍ଷୟ ସାହୁ, ନିଶାକର ବାରିକ, ବିଶ୍ୱନାଥ ବାରିକ । ନିର୍ବାଚନ ଫଳାଫଳକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏଥିରେ ୧୦ଜଣ ଆହତ ହୋଇଥିବା ବେଳେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ଏନେଇ ପୋଲିସ ୧୪୪/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି ।

## ପୂର୍ବତନ ସରପଂଚଙ୍କ ପରଲୋକ

ଧର୍ମଶାଳା,(ପି.ଏନ): ଧର୍ମଶାଳା ବ୍ଲକ ସାହାଣିଡିହ ପଂଚାୟତର ପୂର୍ବତନ ସରପଂଚ ତଥା ରାମଚନ୍ଦ୍ରପୁର ଗ୍ରାମ ନିବାସୀ ଶମ୍ଭୁନାଥ ଦଳେଇଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୫ବର୍ଷ ହୋଇଥିଲା । ସେ କିଛି ଦିନ ଧରି ଯକ୍ଷ୍ମାରୋଗରେ ପିଡୀତ ଥିଲେ। ତେବେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ, ପୁଅ, ବୋହୂ, ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ। ସେ ୧୯୯୭ମସିହାରେ ସାହାଣିଡିହ ପଂଚାୟତର ସରପଂଚ ଭାବେ ନିର୍ବାଚିତ ହୋଇଥିବା ବେଳେ ଜଣେ ଲୋକପ୍ରିୟ ନେତା ଭାବରେ ସମଗ୍ର ପଂଚାୟତରେ ବେଶ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସାହାଣିଡିହ ପଂଚାୟତ ବିଜେଡି ସଭାପତି ଲକ୍ଷ୍ମୀଧର କରଣ, ପୂର୍ବତନ ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ରାଉତ, ସାମାଜିକ କର୍ମୀ ଅର୍ଜୁନ ଚରଣ ବେହେରା, ଅଜିତ ବେହେରା ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବଟକୃଷ୍ଣ ପରିଡା, ପୂର୍ବତନ ସରପଂଚ ଇନ୍ଦ୍ରମଣି ନାୟକ, ବରିଷ୍ଠ କଂଗ୍ରେସ ନେତା ନିତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି । ତାଙ୍କ ପୁଅ ବୁଲୁ ଦଳେଇ ମୁଖାଗ୍ନୀ ଦେଇଥିଲେ।

## ଟି୨୦ ସିଜନ୍‌ରେ ଭାରତର 'ରିଅଲ୍ ହିରୋ'ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢ଼ି କାର୍ଯ୍ୟ କରିଛନ୍ତି । ଏହି 'ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ' ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ । ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି । ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି । ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ । ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ । ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ । ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା ।

# ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା 'ରାପିଡୋ ଅଟୋ'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ । ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ । ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲିୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି । ଇଚ୍ଛୁକ ଅଟୋ ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, "ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।" ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମୃଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସିଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ୍ୟ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।




# ପୋଷ୍ଟର ଯୁଦ୍ଧ : କଦର୍ଯ୍ୟ ହେଉଛି କାନ୍ଥ ବାଡ଼



**ପୌ**ର ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳମାନଙ୍କର ପୋଷ୍ଟର ଯୁଦ୍ଧ ଏବେ ସାଧାରଣ ଲୋକଙ୍କର ମୁଣ୍ଡବିନ୍ଧାର କାରଣ ହେଉଛି। ରାତାରାତି ଲୋକଙ୍କ ଘରର ପାଚେରୀ, କାନ୍ଥବାଡ଼ ଆଦିରେ ଏମାନେ ନିଜ ନିଜ ପ୍ରାର୍ଥୀଙ୍କର ପୋଷ୍ଟର ମାରି ତାହାକୁ ରଙ୍ଗ ବେରଙ୍ଗ କରିଦେଉଛନ୍ତି। କେତେକ ସ୍ଥାନରେ ଲୋକେ ବାରଣ କଲେ ବି ତାହାକୁ ମାନୁନାହାନ୍ତି। ସମଗ୍ର ରାଜ୍ୟରେ ଏବେ ଚାଲିଛି ପୌର ନିର୍ବାଚନ। ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ମନମତାଣିଆ ଗୀତ ସାଙ୍ଗକୁ ରଙ୍ଗ ବେରଙ୍ଗର ପୋଷ୍ଟର ତିଆରି କରିଛନ୍ତି। ଗୀତ ବାଜୁଥିବା ଗାଡ଼ି ଗୁଡ଼ିକ ବିଭିନ୍ନ ସାହି ଗଳି ବୁଲୁଥିବା ବେଳେ ପୋଷ୍ଟର ଉପରେ କିନ୍ତୁ ପ୍ରାର୍ଥୀମାନେ ଜୋର ଦେଉଛନ୍ତି। ବିଭିନ୍ନ ସ୍ଥାନରେ ଫ୍ଲେକ୍ସ ଟାଣିବା ଅପେକ୍ଷା କାନ୍ଥବାଡ଼, ଗଛ, ବିଦ୍ୟୁତଖୁଣ୍ଟ, ପାଚେରୀ ଆଦିରେ କାଗଜ ପୋଷ୍ଟର ମାରିବା ଉପରେ ଜୋର ଦେଉଛନ୍ତି।

ରାଜ୍ୟର ତିନି ପ୍ରମୁଖ ଦଳ ଏବେ ଲକ୍ଷାଧିକ ପୋଷ୍ଟର ପ୍ରସ୍ତୁତ ସହିତ ତାହାକୁ ଲଗାଇବା ପାଇଁ ଶ୍ରମିକମାନଙ୍କୁ ନିୟୋଜିତ କରି ଦେଉଛନ୍ତି। ପୋଷ୍ଟର ପିଛା ପଇସା ଧାର୍ଯ୍ୟ କରି ଅଠା ଓ ପୋଷ୍ଟର ସେମାନଙ୍କୁ ଧରାଇବା ସହିତ ଇଲାକା ଚିହ୍ନଟ କରିଦେଉଛନ୍ତି। ତେଣୁ ପଇସା ପାଉଥିବା ଏହି ଶ୍ରମିକମାନେ ରାତିବେଳା ପୋଷ୍ଟର ମାରିବାକୁ ଉଚିତ ମଣୁଛନ୍ତି। କାରଣ ଦିନବେଳା ପୋଷ୍ଟର ମାରିଲେ ଅନେକ ସ୍ଥାନରେ ଲୋକେ ତାହାକୁ ବିରୋଧ କରୁଛନ୍ତି। ଯଦି ପୋଷ୍ଟର କମ୍ ମରାହେବ ତେବେ ଶ୍ରମିକମାନେ ଚୁକ୍ତି ମୁତାବକ ପଇସା ପାଇବେ ନାହିଁ। ତେଣୁ ସେମାନେ ଏବେ ବିଳମ୍ବିତ ରାତିରେ ପୋଷ୍ଟରମରା କାର୍ଯ୍ୟ କରୁଛନ୍ତି। ସାଧାରଣ ଲୋକଙ୍କ ଘରର କାନ୍ଥଠାରୁ ଆରମ୍ଭ କରି ଗଛ ଓ ବିଦ୍ୟୁତଖୁଣ୍ଟ କାହାକୁ ଛାଡୁନାହାନ୍ତି। ତେବେ ସବୁଠାରୁ ଅଧିକ ପୋଷ୍ଟର ବ୍ୟବହାର ହେଉଛି ବିଭିନ୍ନ ବସ୍ତି ନିକଟରେ ଥିବା ସରକାରୀ କ୍ୱାର୍ଟସର ପାଚେରୀରେ। ଆର୍ଥିକ ବର୍ଷ ଶେଷ ଯୋଗୁଁ ବିଭିନ୍ନ ସ୍ଥାନରେ ପାଚେରୀଗୁଡ଼ିକ ନୂଆ ରଙ୍ଗ ହୋଇଛି। ହେଲେ ରାତି ପାହିଲା ବେଳକୁ ତାହା ବିଭିନ୍ନ ଦଳର ପୋଷ୍ଟରରେ ରଙ୍ଗେଇ ହୋଇଯାଉଛି।

ଗୋଟିଏ ଦଳ ଯଦି କୌଣସିଠାରେ ପୋଷ୍ଟରଟିଏ ମାରି ଦେଉଛି ତେବେ ଅନ୍ୟ ଦଳମାନେ ସେଠାରେ ପ୍ରତିଯୋଗିତା ଭିତ୍ତିରେ ଅଧିକ ପୋଷ୍ଟର ମାରୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ କେତେକ ସ୍ଥାନରେ କାନ୍ଥ ବାଡ଼ ସବୁ ପୋଷ୍ଟର ପଛପଟେ ଲୁଚି ଗଲେଣି। ଲୋକେ ଏହାର ପ୍ରତିବାଦ କଲେ କେହି ଶୁଣିବାକୁ ବି ନାହିଁ। ବିଳମ୍ବିତ ରାତିରେ ପୋଷ୍ଟର ମରାଯାଉଥିବାରୁ ଅଧିକାଂଶ ଏହାକୁ ବିରୋଧ ବି କରିପାରୁନାହାନ୍ତି। ତେଣୁ ଯେଉଁସବୁ ସ୍ଥାନରେ ଏଭଳି ମାଳ ମାଳ ପୋଷ୍ଟର ମାରି କାନ୍ଥବାଡ଼କୁ କଦର୍ଯ୍ୟ କରାଯାଉଛି ଭୋଟ ସରିଲା ପରେ ସେହିସବୁ ପୋଷ୍ଟରକୁ ସଂପୃକ୍ତ ପ୍ରାର୍ଥୀମାନେ କାଢ଼ି ନେବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେବା ଉଚିତ ବୋଲି ମତ ପ୍ରକାଶ ପାଉଛି। ତେବେ ଯେଉଁଭଳି ଭାବେ ଅଠା ଦ୍ୱାରା କାଗଜ ପୋଷ୍ଟରକୁ କାନ୍ଥରେ ଲଗାଯାଉଛି ବର୍ଷାଋତୁ ପୂର୍ବରୁ ତାହା ସହଜରେ ଛାଡ଼ିବ ନାହିଁ ବୋଲି ଅନେକ ମତ ଦେଉଛନ୍ତି।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨, E-mail : badal009bhuyan@gmail.com

# ଶୁଦ୍ଧାନନ୍ଦ କଲେଜରେ ମହିଳା ଦିବସ ପାଳିତ



ଫୁଲନଖରା (ପିଏନ୍)-ସ୍ଥାନୀୟ ଶୁଦ୍ଧାନନ୍ଦ କଲେଜରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ କଲେଜ ସଭାଗୃହରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପ୍ରୋଗ୍ରାମ ଅଫିସର ଡଃ.ନିବେଦିତା ଆଚାର୍ଯ୍ୟ ମୁଖ୍ୟ ଅତିଥିରୂପେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରଥମେ ପୁରୁଷମାନେ ଅବଗତ ହେବା ଦରକାରବୋଲି ମତପୋଷଣ କରିଥିଲେ। ଜଣେ ମହିଳା ଚାହିଁଲେ ଯେ କୌଣସି ଅସାଧ୍ୟକୁ ସମ୍ମୁଖିନ ହେବାକୁ ସମର୍ଥବୋଲି ସେ ତାଙ୍କ ଅଭିଭାଷଣରେ ବର୍ଣ୍ଣନା କରିଥିଲେ। କଟକ ପୁଲିସ ମହିଳା ଓ ଶିଶୁ ଡେସ୍କ ଆଇଆଇସି ଟେରେସ୍କୋଭା ମହାପାତ୍ର ମୁଖ୍ୟ ବକ୍ତାଭାବେ ମଞ୍ଚାସୀନ ହୋଇ ନାରୀଙ୍କୁ ସେମାନଙ୍କ ହକ ଓ ସମ୍ମାନ ଯେ ପର୍ଯ୍ୟନ୍ତ ଉପଯୁକ୍ତଭାବେ ନମିଳିଛି ସେ ପର୍ଯ୍ୟନ୍ତ ଏକ ସୁସ୍ଥ ସମାଜ ସ୍ୱପ୍ନ ଅପୂରଣୀୟ ହୋଇ ରହିବବୋଲି କହିଥିଲେ। ଡିନ ପ୍ରଫେସର ରଂଜନକୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା ନିର୍ଦ୍ଦେଶକ ଇଂ.ସୁନିଲକୁମାର ପଟ୍ଟନାୟକ ଉଦଘାଟକଭାବେ ଯୋଗଦେଇ ନାରୀ ଓ ପୁରୁଷ ସମାନ ଏବଂ ଏ ଜାତିର ଐତିହ୍ୟ ଓ ପରମ୍ପରା ଅକ୍ଷୁଣ୍ଣ ରଖି ଆଗକୁ ଅଗ୍ରସର ହେବାକୁ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଗଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡଃ.ଅନିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସ୍ୱସ୍ତିକା ପ୍ରିୟଦର୍ଶିନୀ, ଜୟଶ୍ରୀ ଭୋଇ, ଶ୍ରଦ୍ଧାଳି ଦାଶ, ତପସ୍ୱିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ସରିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନମନ୍ତ୍ରୀ ଜନଔଷଧି ସପ୍ତାହ ପାଳିତ




ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ଜନଔଷଧି ସପ୍ତାହ ପାଳନ କରାଯାଉଥିବା ଅବସରରେ ଚଳିତ ବର୍ଷ ଭୁବନେଶ୍ୱର ପୋଖରୀପୁଟ ଓ ପାଣ୍ଡରାଠାରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରରେ ଏହି ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ଲୋକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଔଷଧ ବଣ୍ଟନ, ମାସ୍କ, ସାନିଟାରୀ ବୋତଲ ତଥା ମହିଳାମାନଙ୍କୁ ସାନିଟାରୀ ନାପକିନ ପ୍ରଦାନ କରାଯାଇଥିଲା। ଏହା ସହିତ ଇଚ୍ଛୁକ ବ୍ୟକ୍ତିମାନଙ୍କ ରକ୍ତଚାପ, ରକ୍ତସର୍କରା, ଶରୀରରେ ଅମ୍ଳଜାନ ସ୍ତର, ମାପିବାର ନିଃଶୁଳ୍କ ବ୍ୟବସ୍ଥା ଉକ୍ତ ସଂଗଠନ ପକ୍ଷରୁ ସଫଳ ଭାବେ ଆୟୋଜିତ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଉଚ୍ଚ ଶିକ୍ଷିତା ତଥା ସାରସ୍ୱତ ପ୍ରତିଭାର ଅଧିକାରିଣୀ ଯୁବ ଉଦ୍ୟୋଗୀ ଅର୍ଚ୍ଚନା ଏବଂ ଯୁବ ଯନ୍ତ୍ରୀ ପାର୍ଥସାରଥୀ ପୂର୍ବରୁ ବହୁ ଜନକଲ୍ୟାଣ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ମାନ ଆୟୋଜିତ କରିଆସୁଛନ୍ତି। ପରିବେଶ ସଚେତନତା ଓ ଜଳବାୟୁ ପରିବର୍ତ୍ତନରେ ମନୁଷ୍ୟ ଶରୀରର ପ୍ରଭାବ ଏବଂ ତା'ର ପ୍ରତିକାର ସମ୍ବନ୍ଧରେ ଶିବିର ମାନ ଆୟୋଜନ କରିବା ସହ ବ୍ୟାପକ ବୃକ୍ଷରୋପଣ କରାଯିବ ବୋଲି ପ୍ରମୁଖ ଆୟୋଜକ ଓ ସଂଯୋଜକ ପାର୍ଥସାରଥୀ ସୂଚନା ପ୍ରଦାନ କରିଥିଲେ।

# ଯୁଦ୍ଧ ଚାହୁଁନା ଶାନ୍ତି ଚାହୁଁ – ଜିଲ୍ଲା ବିକାଶ ସାମ୍ମୁଖ୍ୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ସାଂପ୍ରତିକ ଋଷ ଏବଂ ୟୁକ୍ରେନ୍ ଯୁଦ୍ଧର ଭୟାବହତା ଓ ସମଗ୍ର ବିଶ୍ୱ ଉପରେ ଏହାର ପ୍ରଭାବ ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନାଟୋ, ଶିଆଟୋ, ଫ୍ଲାଟୋ ଏବଂ ୱାରସପ୍ୟାକ ଭଳି ସାମରିକ ସଂଗଠନ ମାଧ୍ୟମରେ ଶୀତଳଯୁଦ୍ଧ ଚାଲୁ ରହିଥିଲା। ଭାରତ ଗୋଷ୍ଠି ନିରପେକ୍ଷ ନୀତି ଅବଲମ୍ବନ କରି ଉଭୟ ସାମରିକ ଶକ୍ତିଠାରୁ ଦୂରତ୍ୱ ରକ୍ଷା କରି ଚାଲିଛି। ୟୁକ୍ରେନ୍ ନାଟୋର ସଦସ୍ୟତା ଗ୍ରହଣକୁ ବିରୋଧ କରି ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ କଲେ। ଯୁଦ୍ଧର ୧୫ ଦିନ ପରେ ନାଟୋ ଶକ୍ତି ବାହାରୁ ଦେଖଣାହାରୀ ସାଜି କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଫଳରେ ପୁଟିନ୍ ୟୁକ୍ରେନକୁ ନାଟୋ ଶକ୍ତିର ପରିସରଭୁକ୍ତ ନ ହେବା ପାଇଁ ଯୁଦ୍ଧ ଚାଲୁ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱର କୋଣ ଅନୁକୋଣରୁ ଯୁଦ୍ଧର ଅବସାନ ପାଇଁ ଚାପ ପ୍ରୟୋଗ ହେଉଛି। ଏହି ଆଲୋଚନାଚକ୍ରରେ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ବୈଷ୍ଣବ ଚରଣ ସ୍ୱାଇଁ, ଭାଗିରଥି ଜେନା, ଅମୀୟ କୁମାର ନାୟକ, ନେତ୍ରାନନ୍ଦ କର, ଶ୍ରୀନିବାସ ପରିଡା, ମଧୁସୁଦନ ରାଉତ, ମଧୁସୁଦନ ବାରିକ, ବସନ୍ତ ସାହୁ ଓ ସୁରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ତୁରନ୍ତ ଯୁଦ୍ଧ ବିରତି ଘୋଷଣା କରି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିବେଦନ କରିଛନ୍ତି।

# ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ



**୧**୮୮୨ ମସିହା। ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ। ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ। ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍। ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଳିବା ପାଇଁ। ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ। ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ। ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ। ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ। ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ। ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି। କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ। ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ। ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ। ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ। ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା। ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ୍ୟ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା। ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର। ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ। ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ। ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍‌କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି। ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି। ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପ୍ରୋଟନ ମଧ୍ୟ ହୋଇପାରୁଛି। ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ। ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହି ସବୁ





ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା। ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି। ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ। ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପ୍ରୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# କୃଷ୍ଣଦାସପୁରରେ ତ୍ରିଦିବସୀୟ ବାଦିପାଲା

ଭୁବନେଶ୍ୱର (ପିଏନ୍): ଆଧୁନିକତାର ପ୍ରଭାବ ହେଉ କିମ୍ବା ଓଡିଶା ଲୋକଙ୍କ ଅବହେଳା କାରଣରୁ ଓଡିଆ ପାଲା ସଂସ୍କୃତି ଲୋପ ହେବାକୁ ବସିଛି। ଏଭଳି ସମୟରେ ଏହାର ପୁନରୁଦ୍ଧାର ପ୍ରତ୍ୟେକ ଓଡିଆଙ୍କର କର୍ତ୍ତବ୍ୟ ବୋଲି କୃଷ୍ଣଦାସପୁର ଗ୍ରାମ ପଞ୍ଚାୟତର ମୁରବୀମାନେ କହିଛନ୍ତି। ବାଲୁଙ୍କେଶ୍ୱର ଜାଗରଯାତ୍ରା କମିଟି ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ବାଦିପାଲାରେ ଗାୟକ ଭାବେ ମାଳିକା ସମ୍ରାଟ ନେତ୍ରାନନ୍ଦ ଦାସ (ଛତିଆବଟ), ରସ ସାଗର କୁଳମଣି ପଣ୍ଡା (ବିଡାନାସୀ, କଟକ) ଯୋଗଦେଇ ମାଳିକା ଉପରେ ପାଲା ପରିବେଷଣ କରିଥିଲେ। କଳିଯୁଗରେ ଲୋକ କିଭଳି ଅତ୍ୟାଚାରୀ ହେଉଛି ଏବଂ ନିଜ ନିଜର କର୍ତ୍ତବ୍ୟକୁ ଭୁଲିଯିବେ ତାହା ବହୁପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ, ହାଡିଦାସ ଓ ଯଶବନ୍ତ ଲେଖିଯାଇଛନ୍ତି। ତାହାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ସମସ୍ତଙ୍କୁ ସତର୍କ ରହିବାକୁ ମାଳିକାରେ ବର୍ଣ୍ଣିତ ରହିଛି। ହଜାର ହଜାର ଶ୍ରୋତାଙ୍କ ଗହଣରେ ଦୁଇ ପାଲା ଗାୟକ ମାଳିକାକୁ ନେଇ ପାଲା ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କୃଷ୍ଣଦାସପୁରରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଆରମ୍ଭ କରିଥିଲେ ସ୍ୱର୍ଗତଃ କୈଳାସ ଚନ୍ଦ୍ର ରଥ ଏବଂ ସ୍ୱର୍ଗତଃ ସରୋଜ ବେହେରା। ପରବର୍ତ୍ତୀ ସମୟରେ ସେମାନଙ୍କ ଦାୟାଦ କଳିଙ୍ଗ କେଶରୀ ରଥ ଏବଂ ବିଧାନ ମନୋହର ଏହାର ଆୟୋଜନ ଦାୟିତ୍ୱ ବୁଝୁଛନ୍ତି। ଚଳିତବର୍ଷ କମିଟି ପକ୍ଷରୁ କରୁଣାକର ଗୋଛାୟତ, ସରୋଜ କମାର ପଣ୍ଡା, ବୃନ୍ଦାବନ ସାମଲ, ଅନାମ ଚରଣ ନନ୍ଦ, ଚିତ୍ତରଂଜନ ସ୍ୱାଇଁ ଏବଂ ହାଡିବନ୍ଧୁ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଶ୍ରୀଶ୍ରୀ ଗୋପୀନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ନିଆଳି (ପିଏନ୍)-ନରିଶୋ ଗ୍ରାମର ଅରାଧ୍ୟ ଦେବତା ଶ୍ରୀଶ୍ରୀଗୋପୀନାଥ ଦେବଙ୍କ ନୂତନ ମନ୍ଦିର ଓ ପାର୍ଶ୍ୱଦେବତା ପ୍ରତିଷ୍ଠା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଛି। ଅଧିବାସ ଧାନ୍ୟାଧିବାସ କଳସ ଯାତ୍ରା ଘଟ ସ୍ଥାପନ, ଅଗ୍ନି ସ୍ଥାପନ ଦେବତା ଆବାହନ ନ୍ୟାସ ସୂର୍ଯ୍ୟପୂଜା ଧେନୁପୂଜା ଦେବତାଙ୍କ ଗ୍ରାମ ପରିକ୍ରମା, ବାସ୍ତୁହୋମ ପତାକା ସ୍ଥାପନ ଦେବତାଙ୍କ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟ ଯଥାରିତିରେ କରାଯାଇଛି। ଗ୍ରାମବାସୀ ଙ୍କ ପୂର୍ଣ୍ଣ ସହଯୋଗରେ ସମସ୍ତକାର୍ଯ୍ୟ ଯଥାରିତିରେ କରାଯାଇଛି। ଶେଷ ଦିବସ ସଂନ୍ଧ୍ୟାରେ ଅନୁସୟା ନାଥ, ରବିନ୍ଦ୍ର କୁମାର ମହାପାତ୍ର ଓ ଦଃଖିଶ୍ୟାମ ତ୍ରିପାଠୀ ଆଦି ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଛି। ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ଚାରିଦିନଧରି ଗ୍ରାମରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।




# ସମ୍ପର୍କ, ସ୍ୱାଭିମାନ ଓ ସହଯୋଗିତା



ଡି ଶୁଭମ୍

ନିୟତିଙ୍କ ସର୍ଜନା ବଡ଼ ବିଚିତ୍ର। ମଣିଷ ଏ ସମାଜର ଶ୍ରେଷ୍ଠ ପ୍ରାଣୀ ବୋଲି ବିବେଚନା କରାଯାଏ। କାରଣ ମଣିଷ ପାଖରେ ହିତାହିତ ଜ୍ଞାନ ଥାଏ। ସେ ଠିକ୍ ଭୁଲର ବିଚାର କଣ ଜାଣିପାରେ। ସେଥିପାଇଁ ମଣିଷକୁ ବିବେକ ଆଉ ବୁଦ୍ଧିର ପ୍ରାଣୀ ବୋଲି ବି କେହି କେହି କହନ୍ତି। କିନ୍ତୁ ମଣିଷ ଯେବେ ନିଜ ଦାୟିତ୍ୱ ଭୁଲିଯାଏ , ନିଜ ବିବେକର କଥାକୁ ଅବମାନନା କରେ , ସେବେ କଣ ସେ ମଣିଷ ପଦବାଚ୍ୟ ହୋଇପାରେ ? ମାନବ ଜୀବନ ନୁହଁଇ କେବଳ ବର୍ଷ,ମାସ,ଦିନ ,ଦଣ୍ଡ , କର୍ମେ ଜୀଏଁ ନର କର୍ମ ଏକା ତାର , ଜୀବନର ମାନଦଣ୍ଡ। ଅତୀତରେ ମହାପୁରୁଷ ମନେ କହିଯାଇଥିବା ଏ ବାଣୀ ଆଉ କାନକୁ ଶୋଭା ପାଉନି କି ମୁଣ୍ଡରେ ବି ପଶୁନାହିଁ। କାରଣ ଏବେ ତ ଆପେ ବଂଚିଲେ ବାପାର ନାଁ। ଆମେ କାହିଁ ସମ୍ପର୍କର ମୂଲ୍ୟ ବୁଝିବୁ। ଆମେ ଆମ ଇଚ୍ଛା ଅନୁସାରେ କାମ କରିବୁ। ସେଇଥିପାଇଁ ତ ଆମେ ଆମ ଇଚ୍ଛାର ପ୍ରଭୁ। ସତରେ ଏ ଦୁନିଆରେ ବୁଦ୍ଧି ଆଉ ବିବେକ ଥାଇ ମନୁଷ୍ୟ ଏକ ଅବୁଝା ଆଉ ଅମାନିଆ ପ୍ରାଣୀଟିଏ।

ଏ ସମାଜକୁ ଆସିବା ପରେ ମଣିଷର ବିଭିନ୍ନ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହୁଏ। ସମ୍ପର୍କ କେତେବେଳେ ଭାଇ,ବନ୍ଧୁ,ଭଉଣୀ ତ ଆଉ କବେ ସ୍ୱାମୀ,ସ୍ତ୍ରୀ ଓ ପୁଅର। ଏମିତି ଅନେକ କିଛି। ଏ ସମ୍ପର୍କ ପାଇଁ ତ ସେ ଅନେକ କିଛି କାମକୁ ଏକାକୀ ସହଜରେ କରିପାରେ। ଅନ୍ୟର ସାହାଯ୍ୟ ହେଉ କି ଉପଦେଶ ଏସବୁକ ପାଥେୟ କର ମଣିଷ ନିଜ କର୍ମପଥରେ ଆଗେଇଚାଲେ। ଶ୍ରେଷ୍ଠ ଜୀବ ମଣିଷ ଏହି ସମ୍ପର୍କ ଯୋଗୁଁ ତିଷ୍ଠେ ବୋଲି ବି କୁହାଯାଇପାରେ। ତେବେ ଏ ସମ୍ପର୍କ ଶାଶ୍ୱତ ହେବା ବିଧେୟ। କାରଣ ଏଇଥିପାଇଁ ହିଁ ଘରଟଏ ସୃଷ୍ଟି ହୁଏ। ଏଇଠାରୁ ହିଁ ଜନ୍ମ ନିଏ ପରିବାର। ବାପା-ପୁଅର ସମ୍ପର୍କହେଉ , ଭାଇ-ଭଉଣୀର ସମ୍ପର୍କ ହେଉ -ଏସବୁଥିରେ ଭରିରହିଛି ଏ ଅହେତୁକ ମମତାର ବନ୍ଧନ। ଏ ବନ୍ଧନ ହିଁ ବାନ୍ଧି ରଖେ ଦୁଇ ଆତ୍ମାକୁ। ସେଥିପାଇଁ ସମ୍ପର୍କ ସବୁବେଳେ ସତତ ଶାଶ୍ୱତ ହେବା ଦରକାର। କିନ୍ତୁ ଏବର ଏକବିଂଶ ଶତାବ୍ଦୀରେ ଏସବୁ କ୍ଷଣିକ ପାଇଁ। କହିବା ବାହୁଲ୍ୟ ଯେ ଏବେ ସେ ସବୁ ସମ୍ପର୍କ କେବଳ ସ୍ୱାର୍ଥରେ ଗଢ଼ା। ଜଣେ ଆପଣଙ୍କୁ ପଦିଏ ମିଠା କଥା କହୁଛି ମାନେ ପରୋକ୍ଷରେ ସେ ଛୁରୀ ଯେ ନମାରିବ , ତାର କିଛି ଗ୍ୟାରେ□ ନଥାଏ। ଏବେ ଭାଇ ଭାଇର ଶତ୍ରୁ , ପୁଅ ବାପାର ଶତ୍ରୁ। ତେବେ ସେ ଭାଇ ହେଉ କି ଭଉଣୀ , ସେମାନେ ନିଜର ହୁଅନ୍ତୁ ବା ନ ହୁଅନ୍ତୁ କିନ୍ତୁ ଏ ଶବ୍ଦର ଅନ୍ତତଃ ଅବମାନନା କରିବା ଅନୁଚିତ। କାଣର ଭଉଣୀ ଏକ ପବିତ୍ର ଶବ୍ଦ। ଭ ଣୀ ଭିତରେ ମା'ର ଚିତ୍ର ଥାଏ। ସେ ହିଁ ଭବିଷ୍ୟତ ଜୀବନରେ ମା'ର ଭୂମିକା ନେଇଥାଏ । ସେ ଆମକୁ ଦୁଃଖରେ ପାଖରେ ଆଉଜି ଦେଇ ବୁଝାଇଥାଏ ତ ସୁଖ ବେଳେ ପ୍ରେରଣା ଦେଇ ଆଗକୁ ବଢ଼ାଇଥାଏ। ସୁତରାଂ ଭଉଣୀ ଶବ୍ଦକୁ ଥରୁଟିଏ ବୁଝି ସମସ୍ତେ ସମ୍ପର୍କ ରଖିବା ଉଚିତ୍। କେବଳ ରାକ୍ଷୀଟିଏ ବାନ୍ଧିଦେଲେ ଭାଇ ଭଉଣୀ ହେଇଯାଏନାହିଁ , ଥରୁଟିଏ ରାକ୍ଷୀ ବାନ୍ଧିବା ଅର୍ଥ ଜୀବନ ଯାକ ଭାଇର କର୍ତ୍ତବ୍ୟ ନିଭାଇବା। ସେଇଥିପାଇଁ ଭାଇ ଭଉଣୀ ଏ ମଧୁର ସମ୍ପର୍କ ଆମ ସଂସ୍କୃତିରେ ମହାନ। ଏହାକୁ ଏକ ମାର୍ଜିତ ତଥା ପବିତ୍ର ଅର୍ଥରେ ବୁଝିବା ଆବଶ୍ୟକ।

ପରିବାର ଚାରିକାନ୍ଥ ଭିତରେ ଗଢ଼ିଉଠୁଥିବା ଏ ସମ୍ପର୍କ ଯେ କେବଳ ଶାଶ୍ୱତ ତାହା ନୁହେଁ, ପାଠ ପଢ଼ିଲା ବେଳେ ବି ଆମେ ଅନେକ ସମ୍ପର୍କ ଗଢ଼ିଥାଉ। ଆମେ ପ୍ରକୃତ ବନ୍ଧୁ ପାଉ। ଆମେ ସାନ ଭାଇଟେ ପାଉ। ଆମେ ଭଉଣୀଟେ ବି ପାଉ। କିନ୍ତୁ ଏସବୁ ଯେ କେବଳ କଲେଜର ପାଠ ପଢ଼ିବା ଯାଏଁ ସୀମିତ ସେକଥା ଭାବିବା ଭୁଲ। ପାଠ ପଢ଼ିଲା ବେଳେ ରାକ୍ଷୀ ବାନ୍ଧଥିବା ସେ ଭଉଣୀ ବି ସାରା ଜୀବନ ଯାଏଁ ଆମ ଭଉଣୀ-ଏଇକଥାକୁ ବୁଝିବାକୁ ହେବ। ସେ ବନ୍ଧନକୁ ଅନୁଭବ କରିବାକୁ ହେବ। ତାହେଲେ ଯାଇ ଏ ମାନବ ଜନ୍ମର ସାର୍ଥକତା ପ୍ରତିପାଦିତ ହୋଇପାରିବ।

ଆମେ ନିଜକୁ ଗର୍ବର ସହ ଶ୍ରେଷ୍ଠ ପ୍ରାଣୀ ବୋଲି କହୁ। ଏକଥା ଠିକ। କିନ୍ତୁ ଯଦି ଶ୍ରେଷ୍ଠ ପ୍ରାଣୀ ହୋଇ ଆମେ କଳଙ୍କିତ ଅଧ୍ୟାୟ ରଚନା କରିବା , ତାହେଲେ ଆମକୁ ଆଦର୍ଶ ନୁହେଁ ବରଂ ନୀଚ ନଜରରେ ସମସ୍ତେ ଦେଖିବାକୁ ବାଧ ହେବେ। ଆମକୁ ଅନ୍ୟମାନେ ଅନୁସରଣ କରିବାକୁ ହେଲେ ପ୍ରଥମେ ଆମକୁ ଠିକ୍ ହେବକୁ ପଡ଼ିବ। କାରଣ ଯେବେ ମନ ଭିତରେ ମୁଁ ନୁହେଁ ଆମେର କଥା ଆସେ , ସେବେ ହିଁ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଂଜଳି ଦେଇ ସାମୁହିକ ସ୍ୱାର୍ଥ ଦିଗରେ କାର୍ଯ୍ୟ କରିବାକୁ ମଣିଷ ଚିନ୍ତା କରେ। ଏସବୁର ଜାଗରଣ କରିବାକୁ ଶପଥ ନେବାକୁ ହେବ। ନିଜ ବୁଦ୍ଧି,ବିଚାର ଓ ବିବେକର ପ୍ରମାଣ ଦେବାକୁ ହେବ । ତେବେ ଯାଇ ଏ ସଂସାରରେ ଆମେ ଶ୍ରେଷ୍ଠ ପ୍ରାଣୀ ବୋଲି ଗଣାଯିବା।

ବାସୁଦେବପୁର , ଭଦ୍ରକ
ମୋ- ୯୪୩୮୪୬୭୦୭୯

# ସାମଗ୍ରିକ ବିକାଶ ଆମ ଲକ୍ଷ୍ୟ : ସମୀର ମହାନ୍ତି

ଭୁବନେଶ୍ୱର, (ପି.ଏନ): ରାଜ୍ୟର ସହରାଂଚଳର ସାମଗ୍ରିକ ବିକାଶ ନିମନ୍ତେ ମୋଦୀ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ କ୍ଷେତ୍ରକୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିଲେ ମଧ ରାଜ୍ୟରେ ଶାସକ ବିଜେଡି ତାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରୁନଥିବାରୁ ରାଜ୍ୟର ସର୍ବାଙ୍ଗୀନ ବିକାଶରେ ବାଧା ସୃଷ୍ଟି ହେଉଛି। ସେହିପରି ସହରାଂଚଳର ବିକାଶ ପାଇଁ ମୋଦି ସରକାର ପ୍ରତ୍ୟେକ ସହରକୁ ସିଧାସଳଖ ଟଙ୍କା ପଠାଇଲେ, କିନ୍ତୁ ବିଜେଡିର ସ୍ଥାନୀୟ ନେତାମାନେ ହରିଲୁଟ୍ କରିଦେଲେ। କେନ୍ଦ୍ର ସରକାରଙ୍କ ଅନୁମୋଦନ ସତ୍ତ୍ୱେ ଲକ୍ଷ ଲକ୍ଷ ଘର ଆବଂଟନ ହୋଇନପାରି ରାଜ୍ୟ ସରକାରଙ୍କ ପାଖରେ ପଡିରହିଛି । ନିର୍ବାଚନକୁ ବିରୋଧୀ ଶୂନ୍ୟ କରି ଯେଣତେଣ ହିସାବରେ ଶାସନ କ୍ଷମତାକୁ ଜାବୁଡି ଧରିବାର ନିଶା ଶାସକ ବିଜେଡିକୁ ଘାରିଛି । କ୍ଷମତା ପାଇଁ ଯେକୌଣସି ସ୍ତରକୁ ଓହ୍ଲାଇବା ପାଇଁ ନିଜକୁ ପ୍ରସ୍ତୁତ କରିଛି ବିଜୁ ଜନତା ଦଳ । ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି ଡିଣ୍ଡିମ ପିଟୁଥିବା ଶାସକ ବିଜେଡିର ବାସ୍ତବ ଚିତ୍ର ସଂପୂର୍ଣ୍ଣ ଭିନ୍ନ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ଆଜି ରାଜ୍ୟ ସଭାପତି ସମୀର ମହାନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିଥିଲେ। ନବରଙ୍ଗପୁର ପୌର ପରିଷଦ ପ୍ରାର୍ଥୀ କୁନୁ ନାୟକ ଏବଂ ଉମରକୋଟ ପୌର ପରିଷଦ ଅଧକ୍ଷା ରିଙ୍କି ଗଣ୍ଡ କାଉନସିଲର ପ୍ରାର୍ଥୀନିଙ୍କ ପାଇଁ ପ୍ରଚାରବେଳେ ସେ କହିଛନ୍ତି ଯେ, ଗଣତନ୍ତ୍ରରେ ସମସ୍ତଙ୍କ ନିର୍ବାଚନ ଲଢ଼ିବାର ଅଧିକାର ଅଛି। ନିର୍ବାଚନ ଜନପ୍ରତିନିଧିମାନେ ଠିକ୍ ସମୟରେ ନିର୍ବାଚନ କରିବା କଥା। କିନ୍ତୁ ଏହି ନିର୍ବାଚନ ସାଢ଼େ ୩ବର୍ଷ ବିଳମ୍ବରେ ହେଉଛି। ଠିକ୍ ସମୟରେ ନିର୍ବାଚନ କାହିଁକି କରାଗଲା ନାହିଁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ପଂଚାୟତ ନିର୍ବାଚନ ସରିଲାକି ନାହିଁ ପୌର ନିର୍ବାଚନ ତାରିଖ ଘୋଷଣା କଲେ ରାଜ୍ୟ ସରକାର। ଏହି ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ସଦାସର୍ବଦା ପ୍ରସ୍ତୁତ ଓ ଦୁର୍ନୀତିମୁକ୍ତି ବକାଶଯୁକ୍ତ ସରକାର ଗଠନ ପାଇଁ ଜନତା ଭୋଟ ଦେବାକୁ ସମୀର ମହାନ୍ତି କହିଛନ୍ତି ।ମୋଦୀ ସରକାର ସର୍ବଦା ସାମଗ୍ରିକ ବିକାଶର ନୀତିରେ ବିଶ୍ୱାସ କରନ୍ତି। ମୋଦିଜୀଙ୍କ ମୂଳମନ୍ତ୍ର "ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ" । ମୋଦି ସରକାର ଅମଳରେ ଓଡିଶାର ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର କେନ୍ଦ୍ରୀୟ ଆର୍ଥିକ ଅନୁଦାନ ମିଳିଥିବା ସତ୍ତ୍ୱେ ରାଜ୍ୟରେ ବିକାଶ ଠପ୍ ରହିଛି । ପ୍ରତ୍ୟେକ ଲୋକଙ୍କ ପାଖରେ ପକ୍କାଘର, ପାନୀୟ ଜଳ, ରୋଷେଇ ଗ୍ୟାସ, ବ୍ୟାଙ୍କ ବ୍ୟବସ୍ଥାର ସୁବିଧା ପହଁଚାଂଇ ସେମାନଙ୍କୁ ମୁଖ୍ୟ ସ୍ରୋତରେ ଆଣିବା ଭାରତୀୟ ଜନତା ପାର୍ଟିର ମୂଳ ଲକ୍ଷ୍ୟ। ଡିଜିଟାଲ ଭାରତ ଗଠନ ନିମନ୍ତେ ଡିଜିଟାଲ ମୁଦ୍ରା ପ୍ରଚଳନ, ୫-ଜି ଟେଲିକମ ସେବା, ବନ୍ଦେ ଭାରତ ଏକ୍ସପ୍ରେସ ରେଳର ପ୍ରଚଳନ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।ଏହି ଅବସରରେ ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ, ଜିଲ୍ଲା ସଭାପତି ଜଗଦୀଶ ବିଶୋଇ, ଜିଲ୍ଲା ପ୍ରଭାରୀ ବିଧାୟକ ଡ. ମୁକେଶ ମହାଲିଙ୍ଗ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ରାଜ୍ୟ କୃଷକ ଉପସଭାପତି ରଞ୍ଜନ ମଙ୍ଗରାଜ, ରମେଶ ସାହୁ କାର୍ଯ୍ୟକ୍ରମ ପ୍ରଚାରରେ ଉପସ୍ଥିତ ଥିଲେ।

# କଂଗ୍ରେସ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

ଫୁଲନଖରା, (ପି.ଏନ): ସିଏମସି ୫୭ନମ୍ବର ୱାର୍ଡ଼ କଂଗ୍ରେସ କର୍ପୋରେଟର ପ୍ରାର୍ଥୀ ତଥା ଆଇନଜୀବୀ ଅନ୍ନପୂର୍ଣ୍ଣା ସାହୁ ଆଜି ଜୋରଦାର ପ୍ରଚାର କରିଛନ୍ତି । ଗୋପାଳପୁର ମା'ତାରିଣୀଙ୍କ ମନ୍ଦିରରୁ ଅନିଲ ବେଉରାଙ୍କ ନେତୃତ୍ୱରେ ବାଇକ ରାଲିରେ ସେ ଗୋପାଳପୁରର ବିଭିନ୍ନ ସାହି ସମେତ ଶ୍ରୀକୋରୁଆଁ, ଜଗନ୍ନାଥବିହାର, ଦେହୁରୀସାହି, କମାରସାହି, ବାଲିକୁଦା, ପାଇକସାହି ଆଦି ଅଞ୍ଚଳ ବୁଲି ପ୍ରଚାର କରିଥିଲେ। ବିଜୟକୁମାର ମଲିକ, ଦିବ୍ୟରଂଜନ ବେହେରା, ଅପୂର୍ବରଂଜନ ସାହୁ, ଦେବାଶିଷ ବେହେରା, ପ୍ରତାପ ବେହେରା, କାର୍ତ୍ତିକ ବେହେରା, ସନ୍ତୋଷ ବେହେରା, ହାପି ନାୟକ, ରାଜେନ୍ଦ୍ର ସେନାପତି, ମନମୋହନ ସାମଲ, ସନାତନ ମହାରଣା, ସୁଶିଲ ଜେନା, ମିଳନ ବେହେରା, ସୌଭାଗ୍ୟ ଜେନା, ବାପିନା ଭୋଇ, ବାବାଜୀ ଚରଣ ବେହେରା, ଧର୍ମେନ୍ଦ୍ର ବେହେରା, କେଦାରନାଥ ସାମଲ, କାର୍ତ୍ତିକ ସାମଲ, ରବିନ୍ଦ୍ର ପୃଷ୍ଟି, ସ୍ୱାଧିନ ଲେଙ୍କା ପ୍ରମୁଖ ଶତାଧିକ କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ।

# ଜଳ ସମ୍ପଦ ବିଭାଗରେ ବିଶ୍ୱ ଜଳ ଦିବସ ପାଳିତ

ଭୁବନେଶ୍ୱର, (ପି.ଏନ): ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ ଆଜି ଅପରାହ୍ଣରେ ବିଶ୍ୱ ଜଳ ଦିବସ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ପାଳିତ ହୋଇଯାଇଛି । ଏହି ଦିବସ ଉପଲକ୍ଷେ ପ୍ରସ୍ତାବିତ ରାଜ୍ୟ ଜଳ ନୀତି -୨୦୨୨ ଉପରେ ପ୍ରାଥମିକ ପର୍ଯ୍ୟାୟରେ ବିଭିନ୍ନ ଅଂଶୀଦାରୀ ବିଭାଗ ଓ ଅନୁଷ୍ଠାନମାନଙ୍କ ଠାରୁ ପରାମର୍ଶ ନିଆଯିବା ସହିତ ଏ ସଂପର୍କରେ ବିଚାରବିମର୍ଶ କରାଯାଇଥିଲା । ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ , ଗୃହ ଓ ନଗର ଉନ୍ନୟନ, ଶିଳ୍ପ, ମହିଳା ଓ ଶିଶୁ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ବୈଷୟିକ ବିଦ୍ୟା , ସୂଚନା ଓ ପ୍ରଯୁକ୍ତି, ସୂଚନା ଓ ଲୋକ ସଂପର୍କ ବିଭାଗ ସହିତ ୟୁନିସେଫ ଏବଂ ଏହାର ଅଂଶୀଦାରୀ ସଂସ୍ଥା ଯଥା ଓସାନ, ଆଇ.ଆର.ସି, ଅର୍ଘ୍ୟମର ମୁଖ୍ୟ ଏବଂ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ରାଜ୍ୟ ଜଳ ନୀତି ୨୦୨୨ ପ୍ରଣୟନ ହେବାକୁ ଥିବା ପରିପ୍ରେକ୍ଷୀରେ ସେ କହିଲେ ଯେ, ପୂର୍ବରୁ ପ୍ରଚଳିତ ରାଜ୍ୟ ଜଳନୀତି ୨୦୦୭ ପ୍ରବର୍ତନ ହେବାର ଦୀର୍ଘ ୧୫ ବର୍ଷ ଅତିକ୍ରାନ୍ତ ହୋଇଛି। ଇତି ମଧ୍ୟରେ ଜଳ ପରିଚାଳନା ଓ ଏହାକୁ ଆଧାର କରି ବହୁ ପରିବର୍ତନ ଆସିଛି । ସଂପ୍ରତି ପ୍ରଯୁକ୍ତି ବିଦ୍ୟାର ଅଧିକ ବ୍ୟବହାର ଯୋଗୁଁ ତଥ୍ୟ ପରିଚାଳନା, ପୋଷଣୀୟତା ଏବଂ ଜଳବାୟୁ ପରିବର୍ତନ, ପୁରୁଷ ସହିତ ମହିଳାମାନଙ୍କୁ ଜଳ ପରିଚାଳନା କ୍ଷେତ୍ରରେ ସମାନତା ପ୍ରଦାନ ଭଳି ପ୍ରସଙ୍ଗର ଏବେ ଗୁରୁତ୍ୱ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ଜଳ ନୀତି-୨୦୨୨ ରେ ଏଥିପ୍ରତି ଦୃଷ୍ଟି ଦିଆଯିବା ନେଇ ଆଲୋଚନା ଓ ବିଚାରବିମର୍ଶ କରାଯାଇଥିଲା ।

# ୫୮ନମ୍ବର ୱାର୍ଡ଼ରେ ବିଜେଡ଼ି ପ୍ରାର୍ଥୀଙ୍କ ପ୍ରଚାର



ଫୁଲନଖରା, (ପି.ଏନ): ସିଏମସି ୫୮ନମ୍ବର ୱାର୍ଡ଼ ର ବିଜେଡ଼ି କର୍ପୋରେଟର ପ୍ରାର୍ଥୀ ଶିବାନୀ ଜେନା ଆଜି ପ୍ରଚାରର ଅନ୍ତିମ ଦିବସରେ ଚୋରଦାର ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିନେତା ସାତ୍ତ୍ୱକି ମିଶ୍ର, ଶିବାନୀ ସୁଜାତା ଓ ଆକାଶ ପ୍ରମୁଖ ସମର୍ଥକଙ୍କ ସହ ପ୍ରାର୍ଥୀ ଶ୍ରୀମତୀ ଜେନା ଡାହାଳିଆବାଗରୁ ବାହାରି ନୂଆଗଡ଼ , ପୀରବଜାର, ପ୍ରତାପନଗରୀ, ଭାଣପୁର, କୁମ୍ଭରାଜପୁର ଆଦି ଅଞ୍ଚଳ ବୁଲି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଜନତାଙ୍କୁ ନିବେଦନ କରିଥିଲେ। ଏଥିରେ ୱାର୍ଡ଼ ସଭାପତି ସୁଶାନ୍ତ ମହାନ୍ତି, ସମ୍ପାଦକ ବିକ୍ରମ ଶତପଥି, ଉପସଭାପତି ତ୍ରୈଲୋକ୍ୟ ପ୍ରଧାନ, ପୂର୍ବତନ କର୍ପୋରେଟର କୌଶିକ ଜେନା, ଅଜିତ ରାଉତ, ସ୍ମିତାରାଣୀ ନାୟକ, ଶେଖ ଦିଲବର, ଶେଖ ଗୋଲଡ଼େନ, ସାଜନ ସାହୁ, ପ୍ରଭାତୀ ଜେନା, କପିଳ ଭଟ, ନିରଂଜନ ରାଉତ, ରଂଜିତ ସ୍ୱାଇଁ, ସରୋଜ ଭଟ, ସଦାନନ୍ଦ ଜେନା, ଯଶୋବନ୍ତ ବାରିକ, ବିଦୁରାଜ ବେହେରା, ଅକ୍ଷୟ ବେହେରା ଓ ସୌମ୍ୟରଂଜନ ନାୟକଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ଦଳୀୟ କର୍ମୀ ଯୋଗଦେଇଥିଲେ।

## ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟରେ ଆଜାଦୀ କା ଅମୃତ ମହୋତ୍ସବ ଫଟୋଚିତ୍ର ଉଦ୍‌ଘାଟିତ

ଭୁବନେଶ୍ୱର, (ପି.ଏନ): ଭାରତ ସରକାରଙ୍କ, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ, ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱର ପରିସରରେ 'ଆଜାଦୀ କା ଅମୃତ ମହୋତ୍ସବ' ଶୀର୍ଷକ ମିନି ଫଟୋଚିତ୍ର ପ୍ରଦର୍ଶନୀ ଏବଂ ଫଟୋ ଗାଲ୍ଲେରୀ ପତ୍ର ସୂଚନା କାର୍ଯ୍ୟାଳୟ, ପୂର୍ବ ଜୋନର ମହାନିର୍ଦ୍ଦେଶକ ଭୁପେନ୍ଦ୍ର କେନ୍ଥୋଲାଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ ଶ୍ରୀ କେନ୍ଥୋଲା ଭାରତର ସ୍ୱାଧିନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ଓଡିଶାର ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମଧ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଓଡିଶାର ମହାନ କଳା ସଂସ୍କୃତି ତାଙ୍କୁ ସବୁ ବେଳେ ଅନୁପ୍ରାଣିତ କରିଛି ଏବଂ ଓଡିଶା ତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି ଶ୍ରୀ କେନଥୋଲା ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଭାଗୀୟ କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ଏବଂ ନୃତ୍ୟ ମଧ ପରିବେଷଣ କରଯାଇଥିଲା।

# କୁରାଙ୍ଗଶାସନ ବାଦି ପାଲା ଉଦଯାପିତ



ଫୁଲନଖରା,(ପି.ଏନ): ବାରଙ୍ଗ ବ୍ଲକ ୩୩ନମ୍ବର ଜୋନ ଅନ୍ତର୍ଗତ କୁରାଙ୍ଗଶାସନଠାରେ ଥିବା ମା'ବରୁଣେଇଙ୍କ ପୀଠରେ ଚତୁର୍ଦ୍ଦିବସୀୟ ବାର୍ଷିକ ବାଦିପାଲା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ସ୍ଥାନୀୟ ସରପଞ୍ଚ ରୋହିଣୀ ଭୋଇ, ପୂର୍ବତନ ସମିତି ସଦସ୍ୟ କୈଳାସଚନ୍ଦ୍ର ସାହୁ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଆଧ୍ୟାତ୍ମିକ ତଥା ସାଂସ୍କୃତିକ ଉତ୍ସବରେ ଗାୟକ ବାଣୀକଣ୍ଠ ବନମାଳି ପତି ଏବଂ ଗାୟକ ବାଗ୍ମୀ ନାରାୟଣ ମହାରଣା ଓ ସାଥୀଙ୍କଦ୍ୱାରା ପାଲା ପରିବେଷଣ ହୋଇଥିଲା। ଉଦଯାପନ ଦିବସରେ କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, ଉପଦେଷ୍ଟା ଅଜୟକୁମାର ପତି, ପ୍ରଧାନ ଶିକ୍ଷକ ଶରତକୁମାର ଆଚାର୍ଯ୍ୟ, ଶିକ୍ଷାବିତ୍ ମୁରଲୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ପୀତବାସ ଜେନା, ସମ୍ପାଦକ ମହେନ୍ଦ୍ର ଜେନା ଓ କୋଷାଧ୍ୟକ୍ଷ ଭରତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ନରେନ୍ଦ୍ର ମଲିକ, ବିଶ୍ୱନାଥ ସାହୁ, ଗିରିଧାରୀ ସାହୁ, ଅଶୋକ ଜେନା ଓ ବିଜୟ ମିଶ୍ରଙ୍କ ସମେତ କୁରାଙ୍ଗଶାସନ ଓ ନଡ଼ିଆଗୁରୁଡ଼ି ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ସରକାରୀ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାଇଁ ବିକଳ୍ପ ନିଷ୍ପ□

ଭୁବନେଶ୍ୱର, (ପି.ଏନ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସରକାରୀ ପ୍ରକଳ୍ପ ଯଥା ରେଳପଥ, ଜାତୀୟ ରାଜପଥ, ରାଜ୍ୟ ରାଜପଥ, ବିଜୁ ଏକ୍ସପ୍ରେସ ୱେ ଏବଂ ବିଭିନ୍ନ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବାପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିବା ବିଭିନ୍ନ ବିଭାଗର କ୍ଷେତ୍ରାଧିକାରୀଙ୍କ ମତାମତକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜରଉଞ୍ଜଖଇଜଜ ଇମୱ , ୨୦୧୩ ମାଧ୍ୟମରେ ସରକାରଙ୍କ ଅନୁମୋଦନ ପରେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବାକୁ ବଳିଷ୍ଠ ନିଷ୍ପତି ନିଆଯାଇଛି । ଜରଉଞ୍ଜଖଇଜଜ ଇମୱ ଅନୁସାରେ ଅଧିଗ୍ରହଣ ହେବାକୁ ଥିବା ଜମିର ସମସ୍ତ ଜମିମାଲିକଙ୍କୁ ପ୍ରାପ୍ୟ ପ୍ରଦାନ ପରେ ଜମି ଦଖଲ ନେବାର ବିଧିବ୍ୟବସ୍ଥା ଥିଲେ ମଧ ଜମିମାଲିକ ସଂଖ୍ୟା, ମୃତ ପ୍ରଜାଙ୍କ ଉତରାଧିକାରୀ ଆଦି କାରଣରୁ ଏହା ସମ୍ଭବ ହୋଇପାରୁନଥିଲା । ପୂର୍ବରୁ ପ୍ରଚଳିତ ଭୂମି ଅଧିଗ୍ରହଣ ଆଇନ ୧୮୯୪ ଅନୁଯାୟୀ ୮୦% ଜମିମାଲିକଙ୍କୁ ପ୍ରାପ୍ୟ ପ୍ରଦାନ ପରେ ସମ୍ପୃକ୍ତ ଜମିକୁ ଦଖଲକୁ ନେଇ ପ୍ରକଳ୍ପ ଆରମ୍ଭ କରାଯାଇପାରୁଥିଲା । ସେହି ନିୟମକୁ ଦୃଷ୍ଟିରେ ରଖି ରାଜ୍ୟରେ ସରକାରୀ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା ପାଇଁ ଏହି ବିକଳ୍ପ ନିଷ୍ପତି ନେଇଛନ୍ତି ।ଏହି ନିଷ୍ପତି ଅନୁଯାୟୀ କୌଣସି ପ୍ରକଳ୍ପରେ ଆବଶ୍ୟକ ହେଉଥିବା ଜମିର ଶତକଡା ୮୦ ଭାଗ ଜମିର ପ୍ରାପ୍ୟ ଜମିମାଲିକଙ୍କୁ ଦିଆଗଲା ପରେ ଅବଶିଷ୍ଟ ଅର୍ଥକୁ ଉପଯୁକ୍ତ କୋର୍ଟରେ ଜମା ରଖି ସମୁଦାୟ ଜମିକୁ ଅଧିଗ୍ରହଣ କରି ହେବ । ଯଦି କୌଣସି ଜମିମାଲିକ ବିରୋଧ କରୁଥିବା ସତ୍ତ୍ୱେ ଅଧିଗ୍ରହଣ ହେଉଥିବା ଜମିର ପ୍ରାପ୍ୟ ନେଇଥାନ୍ତି କିମ୍ବା ପ୍ରାପ୍ୟ ନେଲାପରେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥାନ୍ତି ତେବେ ତାଙ୍କର ଜମି ଶତକଡା ୮୦ ଭାଗ ଜମି ମଧ୍ୟରେ ଗଣତି ହେବ । କୌଣସି ହିତାଧିକାରୀ ଏହି ପ୍ରକ୍ରିୟାରେ ଆଇନ ଅନୁଯାୟୀ ସ୍ଥିରୀକୃତ ପ୍ରାପ୍ୟ ନେବାକୁ ଇଛା ପ୍ରକାଶ ନକଲେ ସେହି ପ୍ରାପ୍ୟ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ଜମା ହୋଇ, ଜମି ଅଧିଗ୍ରହଣ ହୋଇପାରିବ ।ବିଭିନ୍ନ ସରକାରୀ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସର୍ବସାଧାରଣଙ୍କ ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ଏଥିରେ କାଳକ୍ଷେପଣ ନୀତିରେ ଉଭୟ ଅର୍ଥ ଓ ସମୟର ଅପଚୟ ହୋଇଥାଏ ଏବଂ ଏହା ଦ୍ୱାରା ବୃହତର ସ୍ୱାର୍ଥ ସାଧିତ ହୋଇନଥାଏ । ବିଭିନ୍ନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ସରକାର ଉପରୋକ୍ତ ପଦକ୍ଷେପ ନେଇଛନ୍ତି ଓ ଏହି ପଦକ୍ଷେପ ଅନୁଯାୟୀ କାର୍ଯ୍ୟ କରିବାକୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ ଓ କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଅତିରିକ୍ତ ମୁଖ୍ୟ ଶାସନ ସଚିବ ରେଳପଥ, ଜାତୀୟ ରାଜପଥ, ରାଜ୍ୟ ରାଜପଥ, ବିଜୁ ଏକ୍ସପ୍ରେସ ୱେ ଏବଂ ବିଭିନ୍ନ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣରେ ବିଳମ୍ବ ନକରିବା ପାଇଁ ତାଗିଦ କରିଛନ୍ତି ।




2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ଉତ୍କଳ ଦିବସରୁ ଆରମ୍ଭ ହେବ ୧୭ଶ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା

ଭୁବନେଶ୍ୱର, ୨୩/୦୩- ଜଗତିକରଣର ପ୍ରଭାବରେ ମାଡି ଆସୁଥିବା ପାଶ୍ଚାତ୍ୟ ସଂସ୍କୃତିର ଆକ୍ରମଣରେ ହଜି ଯାଉଛି ଆମର ଓଡିଆ ଭାଷା,ସଂସ୍କୃତି,ପରମ୍ପରା ଓ ଐତିହ୍ୟ। ଆମର ନିଜସ୍ୱ ଚଳଣୀ ଓ ପରମ୍ପରାକୁ ଆମେ ପାଶୋରି ଆଦରି ନେଉଛୁ ପାଶ୍ଚାତ୍ୟରୁ ଆସୁଥିବା ପଦାର୍ଥ ସମେତ ସେମାନଙ୍କର ସଂସ୍କୃତି ଓ ସଭ୍ୟତାକୁ। ଇଂରାଜୀ ଭାଷା ମାରକ ଭାଷା ଭାବେ ଆମ ମାତୃଭାଷାକୁ ଗ୍ରାସ କରିଚାଲିଥିବା ବେଳେ ଆମର ପ୍ରଥା.ପରମ୍ପରା,ପରିପାଟୀ ମଧ୍ୟରେ ବଞ୍ଚି ରହିଥିବା ନିଜସ୍ୱ ପରିଚୟ ଟିକକ ମଧ୍ୟ ହଜିଯିବାକୁ ବସିଲାଣି। ଏହାର ସୁରକ୍ଷା ପାଇଁ ତଥା ଆମର ପରିଚୟକୁ ପ୍ରଥା ପରମ୍ପରା ମଧ୍ୟରେ ଜୀବିତ ରଖିଥିବା ଓଡ଼ିଆ ଘରର ମା' ଭଉଣୀମାନଙ୍କୁ ଏହି ମହାନ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସଂଭାବନା ଚଳାଇଥିବା ଆନ୍ଦୋଳନ ହେଉଛି, ନଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାନ୍ତ। ଏକ ଦଶନ୍ଧିରେ ପହଞ୍ଚିଥିବା ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ଏହି ୧୭ଶ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଆସନ୍ତା ଉତ୍କଳ ଦିବସରୁ ଏକାମ୍ର ହାଟଠାରେ ଆରମ୍ଭ ହେବାକୁ ଯାଉଛି। ଝୋଟି, ପିଠା, ଶଙ୍ଖଫୁଙ୍କା, ଢଗ ଢମାଳି, ପାରମ୍ପରିକ ସଂଗୀତ, ପାନଭଙ୍ଗା, ପୁରାଣ ଆବୃତ୍ତି, ମୁରୁଜ, ରୋଷେଇ ଜ୍ଞାନ, ହୁଳହୁଳି, ମୁଁ ଓଡ଼ିଆଣୀ ଓ ଓଡ଼ିଆଣୀ ବେଶଭୂଷା ଆଦି ୧୨ଗୋଟି ବିଷୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ନାମ ପିକରଣ ଏକାମ୍ର ହାଟର ହୋଟେଲ ସୌକିନ୍‌ଠାରେ ଆସନ୍ତା ମାର୍ଚ୍ଚ-୨୯ ପର୍ଯ୍ୟନ୍ ପରିବର୍ତ୍ତିତ ଭାବେ ଚାଲୁ ରହିବ। ଓଡ଼ିଆଣୀମାନଙ୍କ ସହ ଭବିଷ୍ୟତର ଓଡ଼ିଆମାନଙ୍କୁ ଆମର ଭାଷା,ସଂସ୍କୃତି,ପରମ୍ପରା, ଐତିହ୍ୟ ଓ ସ୍ୱାଭିମାନ ସହ ପରିଚିତ ତଥା ଅଭ୍ୟସ୍ତ କରାଇବା ପାଇଁ 'ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା' ମଧ୍ୟ ଆୟୋଜିତ ହେଉଛି। ୫ରୁ୧୦, ୧୧ରୁ୧୭ ବୟସର ଶିଶୁ-କିଶୋରଙ୍କ ପାଇଁ ଆୟୋଜିତ ଏହି ପ୍ରତିଯୋଗିତା ମଧ୍ୟରେ ଅନ୍ତର୍ଭୁକ୍ତ ଅଛି, ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ, ହସ୍ତାକ୍ଷର, ଶ୍ରୁତ ଲିଖନ, ଓଡ଼ିଶୀ, ଲଘୁନୃତ୍ୟ, ସୁଗମ ସଂଗୀତ, ଆବୃତ୍ତି ଓ କୌତୁକ ପୋଷାକ ଆଦି।ୟଉତ୍କଳ ଦିବସଠାରୁ ଆରମ୍ଭ ହୋଇ ଓଡ଼ିଆ ନୂଆବର୍ଷ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବର ଚାରିଦିନିଆ ଉଦ୍‌ଯାପନୀ ଉତ୍ସବ ଅପ୍ରେଲ ୧୦ ଠାରୁ ୧୪ ପର୍ଯ୍ୟନ୍ତ ଏକାମ୍ର ହାଟଠାରେ ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସଂଭାବନାର ସଂଭାବନାର ପରିଚାଳନା ତ୍ରଷ୍ଟି ଦେବ ପ୍ରସାଦ ପରିଡା ,୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ଶ୍ରୀମତୀ ରଶ୍ମି ସାହୁ, ,ତ୍ରଷ୍ଟି ସ୍ମୃତି ମହାନ୍ତି,ଗାୟିକା ଛନ୍ଦା ମିଶ୍ର,ମୀନା ପାଣିଗ୍ରାହୀ ଓ ସୌଦାମିନୀ ସାମଲ,ପଦ୍ମାଳୟା ଶତପଥି ଓ ବିଜୟା ମହାନ୍ତିଙ୍କ ସମେତ ସଂଭାବନାର କର୍ମକର୍ତ୍ତାମାନେ ସୂଚନା ଦେବା ସହ ଓଡ଼ିଆପ୍ରେମୀ ଜନସାଧାରଣ ବହୁଳ ସଂଖ୍ୟାରେ ଉପସ୍ଥିତ ରହି ତଥା ଅଂଶଗ୍ରହଣ କରି ଏହି ଅଭିଯାନକୁ ଆଗେଇ ନେବା ପାଇଁ ଅନୁରୋଧ କରିଥିଲେ।

## ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ପୋଲିସ ଅଧିକାରୀଙ୍କୁ କୋଭିଡ ଯୋଦ୍ଧା ସମ୍ମାନ

କେନ୍ଦ୍ରାପଡ଼ା,(ପି.ଏନ) : ଜିଲ୍ଲା ପ୍ରତିଭା ପୂଜା ସଂସଦ, କେନ୍ଦ୍ରାପଡା ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଅନ୍ତର୍ଗତ ତାଳଚୁଆ ସାମୁଦ୍ରିକ ଥାନାର ଭାରପ୍ରାପ୍ତ ଇନିସପେକ୍ଟର ଶ୍ରୀକାନ୍ତ କୁମାର ବାରିକଙ୍କୁ କୋଭିଡ ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ପୁରୁଣା ବସଷ୍ଟାଣ୍ଡସ୍ଥିତ ଆସ୍ଥାୟୀ ପୋଲିସ ଶିବିର ପରିସରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରିଶ ଚନ୍ଦ୍ର ପାଣ୍ଡେ ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ଇନିସପେକ୍ଟର ଶ୍ରୀ ବାରକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି କୋଭିଡ ଯୋଦ୍ଧା ସମ୍ମାନରେ ସମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଡିଏସପି କାର୍ତ୍ତିକ ମଲ୍ଲିକ, ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ଡେରାବିଶ ଥାନା ଇନିସପେକ୍ଟର ଜ୍ୟୋତିରଞ୍ଜନ ସ୍ୱାଇଁ, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି,ସଭ୍ୟ ବିଜୟ କୁମାର ଅଗ୍ରୱାଲ, ଚିତ୍ତରଞ୍ଜନ ଦାସ, ସବଇନିସପେକ୍ଟର ରମାକାନ୍ତ ବେହେରା, ପୁରୁଣା ବସଷ୍ଟାଣ୍ଡ ଫାଣ୍ଡିର ହାବିଲଦାର ନରେନ୍ଦ୍ରନାଥ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ପରମାନନ୍ଦ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ




ଖୋର୍ଦ୍ଧା, (ପିଏନ)- ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ପରାମର୍ଶ କ୍ରମେ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ "ଯୁବ ସଂସ୍କାର କାର୍ଯ୍ୟକ୍ରମ"କୁ ନୂତନ ରୂପେ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି । ଏହିକ୍ରମରେ ବୁଧବାର ପରମାନନ୍ଦ ମହାବିଦ୍ୟାଳୟରେ ଏହାର ଶୁଭାରମ୍ଭ ହୋଇଛି । ଏ ନେଇ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ମୂଲ୍ୟବୋଧ ଭିତିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଯୁବଆଦର୍ଶର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନେ ସଂସ୍କାର ସଚେତନତାଧର୍ମୀ ସଂଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେଇଥିଲେ । ଏଥିରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ପୁରୀ ଶାଖାର ରାଜଯୋଗିନୀ ବି.କେ. ରଶ୍ମିତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମ ନିରୀକ୍ଷଣ ଓ ଆତ୍ମ ନିୟନ୍ତ୍ରଣ ଦ୍ୱାରା ଯୁବକମାନେ ତଥାକଥିତ ଆନନ୍ଦକୁ ଶାନ୍ତିରେ ରୂପାନ୍ତରିତ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବରୁ ଜାତୀୟ ଯୁବଦିବସରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛଅଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଏକ ମୂଲ୍ୟବୋଧଭିତିକ ଚିତ୍ରନାଟ୍ୟ କଥାବସ୍ତୁକୁ ଦୃଶ୍ୟଶ୍ରାବ୍ୟ ଉପକରଣ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଶହେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ଅଧ୍ୟାପକ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶହିଦ ଦିବସ ପାଳିତ




ଖୋର୍ଦ୍ଧା ୨୩।୩ : ଖୋରଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଆନୁକୁଲ୍ୟରେ ଶହିଦ ଦିବସ ସମାରୋହ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ରଞ୍ଜିତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହ କାର୍ଯ୍ୟାକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଲେଖକ ଶ୍ରୀରାମ ଦାସ ମୁଖ୍ୟ ଅତିଥି ଆମରି ସତ୍ୟ, ମାସିକ ପତ୍ରିକାର ପ୍ରତିଷ୍ଠାତା ଡ଼କ୍ଟର ପ୍ରମୋଦ ଦାଶ ମୁଖ୍ୟ ବକ୍ତା ଓ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମସ୍ତ ବକ୍ତା ଶହିଦ ଭଗତସିଂହ, ସୁଖଦେବ ଥାପର ଓ ଶିବରାମ ରାଜଗୁରୁ ଉକ୍ତ ତିନି ଜଣଙ୍କର ଭାରତର ସ୍ୱାଧୀନତା ପାଇଁ ନିଜ ଜୀବନର ବଳିଦାନ ବିଷୟ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସୁକୁମାର ପଟ୍ଟନାୟକ, ଫାସି ପାଇଥିବା ଉକ୍ତ ତିନି ଜଣ ବୀର ପୁତ୍ରଙ୍କର ଜୀବନର ଗାଥା ସମ୍ପର୍କରେ କହିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀଣୀ ଶ୍ରୀମତୀ ଅଲିଭା ବେହୁରା ଧନ୍ୟବାଦ ଦେଇଥିବା ବେଳେ ସୁବୋଧ କୁମାର ଜଗଦ୍ଦେବ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଉପସ୍ଥିତି ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଦୁହୁରିଆ ବଜା କମିଟି ପକ୍ଷରୁ ଦୋଳ ଉତ୍ସବ

କେନ୍ଦ୍ରାପଡ଼ା, (ପି.ଏନ): ଦୁହୁରିଆସ୍ଥିତ ଶ୍ରୀ ଶୁଭଲକ୍ଷ୍ମୀ କ୍ରସିଂ ବଜାର ବ୍ୟବସାୟୀ ସଙ୍ଘ ପକ୍ଷରୁ ଦୋଳ ଉତ୍ସବ ପାଳିତ ଯାଇଯାଇଛି। ଏହି ଅବସରରେ ବିଭିନ୍ନ ମଠ ଓ ଧର୍ମୀୟ ଅନୁଷ୍ଠାନରୁ ବିମାନରେ ଆସିଥିବା ରାଧାକୃଷ୍ଣ ଯୁଗଳ ମୂର୍ତ୍ତୀଙ୍କୁ ଭୋଗଲାଗି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। କ୍ଷେତ୍ରବାସୀ ସାହୁ, ସନାତନ ମୁଦୁଲି, ଦାମୋଦର ଜେନା, ପ୍ରଣବ ମହାନ୍ତି, ମନୋଜ ବିଶ୍ୱାଳ, ଅଭୟ ସାହୁ, ପ୍ରଭାକର ସାହୁ, ମିଟୁ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ପରଲୋକ



ଖୋର୍ଦ୍ଧା ,(ପି.ଏନ): ଭାଲିଆବାଡ଼ି ନିବାସୀ ତଥା କଟକ ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜର ଅବସରପ୍ରାପ୍ତ ସର୍ଜରୀ ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କର ଅଶୀ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ନିଜ ଗ୍ରାମକୁ ଅଣାଯାଇ ସେଠାରୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି। କେତୁମାନ ମହାନ୍ତି ମୁଖାଗ୍ନି ଦେଇଥିଲେ । ନିଜ ଗ୍ରାମ ଭାଲିଆବାଡ଼ି ପ୍ରତି ତାଙ୍କର ପ୍ରଗାଢ଼ ମମତା ଥିବାରୁ ଗ୍ରାମକୁ ଆସିଲେ ଲୋକମାନଙ୍କୁ ଚିକିତ୍ସା ସୁବିଧା ଦେବା ସହିତ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରୁଥିଲେ। ତାଙ୍କ ପ୍ରେରଣାରେ ସାନଭାଇ ବନବିହାରୀ ମହାନ୍ତି ଓ ଗୋକୁଳାନନ୍ଦ ମହାନ୍ତି ଗ୍ରାମରେ ମଦନ ମୋହନ ବନ ବିଦ୍ୟାଳୟ ଖୋଲିଥିଲେ। ସେ ଗ୍ରାମରେ ଥିବା ମଙ୍ଗଳା ମନ୍ଦିର ମଣ୍ଡପ ନିର୍ମାଣ ତଥା ଭଗବତ ବାସୁଦେବ ମନ୍ଦିରର ବିଭିନ୍ନ ଧାର୍ମିକ କାର୍ଯ୍ୟ ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରି ଆସୁଥିଲେ। ତାଙ୍କ ବିୟୋଗରେ ସାହିତ୍ୟିକ ଆଶିଷ କୁମାର ରାୟ, ମଦନ ମୋହନ ବନ ବିଦ୍ୟାଳୟର ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସତ୍ୟବ୍ରତ ମହାନ୍ତି, ସତ୍ୟକାମ ମହାନ୍ତି, ଚିତ୍ରକେତୁ ମହାନ୍ତି, ମୋନାଲିସା ମହାନ୍ତି, ଲୋପାମୁଦ୍ରା ମହାନ୍ତି, ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ଶ୍ରୀ ନୀଳାଚଳ ସେବା ସଙ୍ଘ ଓ ଓଡ଼ିଆ ସଂଗଠନ ସମୂହ ତରଫରୁ ବାବା ବଳିଆଙ୍କ ସହ ଅନ୍ୟ ଚାରି ପଦ୍ମ ପୁରସ୍କାର ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା




ନୂଆଦିଲ୍ଲୀ ,(ପି.ଏନ): ଆଧ୍ୟାତ୍ମିକ ଦିଗଦର୍ଶକ, ମହାନ ସିଦ୍ଧ ପୂଜ୍ୟ ପୂଜକ ବାବା ବଳିଆ ଙ୍କୁ ସମାଜ ସେବା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଅବଦାନ କୁ ସମ୍ମାନ ଜଣାଇ ଗତ ସୋମବାର (୨୧.୦୩.୨୨) ତାରିଖ ଦିନ ଦେଶର ମାନ୍ୟବର ରାଷ୍ଟ୍ରପତି ଓଡିଶା ର ଅନ୍ୟ ଚାରି ଜଣଙ୍କ ସହ ରାଷ୍ଟ୍ରପତି ଭବନ ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ରେ ମର୍ଯ୍ୟାଦାଜନକ ପଦ୍ମଶ୍ରୀ ସମ୍ମାନ ରେ ସମ୍ମାନୀତି କରିଥିବା ବେଳେ, ଗତକାଲି ଶ୍ରୀ ନୀଳାଚଳ ସେବା ସଙ୍ଘ ଓ଼ ଦିଲ୍ଲୀ ର ବିଭିନ୍ନ ଓଡ଼ିଆ ସଂଗଠନ ସମୂହ ସେମାନଙ୍କ ସାମ୍ମନର୍ଥ ? ଏକ ଭବ୍ୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିବା ଦେଖାଦେଇଥିଲା. ସନ୍ଧ୍ୟାରେ ସ୍ଥାନୀୟ ହାଉଜଖାସ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ସଭା ରେ ମାନ୍ୟବର କେନ୍ଦ୍ର ଶିକ୍ଷା, ଦକ୍ଷତା ଓ଼ କୌଶଳ ବିକାଶ ବିଭାଗୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ. ଓଡିଶା ର କୋଣ ଅନୁକୋଣ ରେ ବହୁ ପ୍ରତିଭା ମାନ ବ୍ୟକ୍ତି ରହିଛନ୍ତି ଯେଉଁ ମାନେ ବିଭିନ୍ନ କ୍ଷେତ୍ରରେ କକ୍ଷର୍ଯ୍ୟକରି ରାଜ୍ୟ କୁ ଓ଼ ଦେଶ କୁ ଗୌରବକ୍ଷନିତ କରୁଛନ୍ତି. ପୂର୍ବରୁ ଏହି ପ୍ରତିଭାମାନ ମହାନ ବ୍ୟକ୍ତି ମାନେ ଲୋକଲୋଚ଼ନ କୁ ଆସି ପାରୁ ନ ଥିଲେ. ଅଧୁନା ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କର ପ୍ରତିଭା କୁ ଚ଼ିନ୍ନଟ ସେମାନଙ୍କୁ ଖୋଜି କରି ସେମାନଙ୍କୁ ସମ୍ମାନ ଜଣାଇ ଜାତୀୟ ସ୍ତରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଉଛନ୍ତି ଯାହା ଆମ ପାଇଁ ଗର୍ବ ଓ଼ ଗୌରବ ର ବିଷୟ. ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ପୂଜ୍ୟ ବାବା ବଳିଆ ଙ୍କ ଆଧ୍ୟାତ୍ମିକ ପ୍ରବଚ଼ନ କେବଳ ରାଜ୍ୟ ଭିତରେ ସୀମିତ ହୋଇ ରହି ନାହିଁ ଆଜି ସମଗ୍ର ଦେଶରେ ଆଧ୍ୟାତ୍ମିକ ଶକ୍ତି ର ପରିଚ଼ୟ ସୃଷ୍ଟି କରିଛି. ଯାହାଙ୍କ ପ୍ରଚ଼ାରିତ ଅମୃତବାଣୀ, ନୀତି ବାକ୍ୟ ରେ ଆକୃଷ୍ଟ ହୋଇ ଆଜି ରାଜ୍ୟ ଓ଼ ରାଜ୍ୟ ବାହାରେ ଅଗଣିତ ଜନସାଧାରଣ ଅନୁଗୃହିତ ହୋଇଛନ୍ତି. ସେହିପରି ଓଡ଼ିଆ ସାହିତ୍ୟ ର ଜଣେ ପ୍ରତିଭାମାନ ବ୍ୟକ୍ତି ହେଲେ ଶିକ୍ଷକ୍ଷବିତ ନୃସିଂହ ପ୍ରସାଦ ଗୁରୁ, ଶିକ୍ଷା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ ସେ ଆଜି ମର୍ଯ୍ୟାଦା ଜନକ ପଦ୍ମଶ୍ରୀ ଉପାଧି ପାଇଛନ୍ତି. ଅନ୍ୟ ଜଣେ ଶିଳ୍ପୀ ବିଭିନ୍ନ ପୁରାତନ କବି ଙ୍କ ଚ଼ାନ୍ଦ, ଚ଼ମ୍ପୁ, ଓଡ଼ିଶୀ ସଂଗୀତ ଗାଇ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ୟାମା ମଣି ଦେବୀ ଆଜି କଳା ଜଗତ କୁ ବେଶ ସଂବୃଦ୍ଧି କରିଛନ୍ତି. ଡ଼ଃ :ଆଦିତ୍ୟ ପ୍ରସାଦ ଦାସ ମଧ୍ୟ ଜଣେ ଉଚ୍‌ଚ଼କୋଟୀର ବୈଜ୍ଞାନିକ ଓ଼ ବିଶେଷଜ୍ଞ. ସେ ରାଜ୍ୟ ଓ଼ ଦେଶ କୁ ଗୌରବନୀତି କରିଛନ୍ତି. ଲୋକଙ୍କ ସେବା କରି ନିଜ ଜୀବନ କୁ ଉତ୍ସର୍ଗୀ କରିଥିବା ଭାରତୀୟ ପ୍ରଶାସନିକ ସେବା ର ବରିଷ୍ଠ ଅଧିକାରୀ ସ୍ୱର୍ଗତ ଗୁରୁ ପ୍ରସାଦ ମହାପାତ୍ର ଆଜି ଆମକୁ ଛାଡି ସବୁଦିନ ପାଇଁ ଚ଼ାଲିଯାଇଛନ୍ତି . ତାଙ୍କ କାର୍ଯ୍ୟଧରା କୁ ସମ୍ମାନ ଜଣାଇ ତାଙ୍କ ଧର୍ମପତ୍ନୀ ଏହି ସମ୍ମାନ ଗ୍ରହଣ କରିଛନ୍ତି. ଏହି ସମସ୍ତେ ଆମ ସମସ୍ତ ଙ୍କ ପାଇଁ ଗୌରବ. ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଆଶୀର୍ବାଦ ଆମ୍ଭ ମାନଙ୍କ ଉପରେ ରହୁ. ଓ଼ ସମଗ୍ର ମାନବ ଜାତିର କଲ୍ୟାଣ ହେଉ ବୋଲି ସେ କହିଥିଲେ. ନିଜ ସମ୍ବର୍ଦ୍ଧନା ଉତ୍ତର ରେ ବାବା ବଳିଆ କହିଥିଲେ ପରିବେଶ ସୁରକ୍ଷା, ସମାଜ ସେବା, ସମାଜରୁ କୁ ସଂସ୍କାର ଦୂର କରିବା ଗଣତନ୍ତ୍ର ସମ୍ମିଳିତ ବହୁ ଉପାଦେୟ ପୁସ୍ତକ ଓ଼ ବହୁ ଆଧ୍ୟାତ୍ମିକ ଉପାଦେୟ ପୁସ୍ତକ ରଚ଼ନା କରି ସମାଜ କୁ ଦିଗ ଦର୍ଶନ ଦେବା ପାଇଁ ସେ ଯେଉଁ ପ୍ରୟାସ ଜାରି କରିଛନ୍ତି ତାହା ରହିବ, ସେ କରିଥିବା ନିଜର ତେପନ ବର୍ଷ ର ସମାଜ ସେବା ର ବାର୍ତ୍ତା ଆଜି ରାଜ୍ୟ ଓ଼ କେନ୍ଦ୍ର ସରକାର ଙ୍କ ପାଖରେ ପହଂଚ଼ି ପାରିଛି ବୋଲି କହିଥିଲେ. ଜ୍ଞାନ, ସାଧନା ଓ଼ ଈଶ୍ୱର ଙ୍କ ଉପାସନା ମାଧ୍ୟମରେ ପରାମାତ୍ମା କୁ ଉପଲବ୍ଧ କରି ପାରିଲେ ମାନବ ଜନ୍ମ ସାର୍ଥକ ହୋଇ ପାରିବ ବୋଲି କହିବା ସହ ଯୁଦ୍ଧ ବିଶ୍ୱ ମୁକ୍ତ ହେଉ ବୋଲି ସେ କହିଥିଲେ. ଅନ୍ୟ ମାନଙ୍କ ମଧ୍ୟରେ ଏହି ସଭା ରେ ରାଜ୍ୟ ସଭା ସାଂସଦ ଅମର ପଟନାୟକ, ଜାତୀୟ ତାପଜ ବିଦ୍ୟୁତ ନିଗମ ର ପୂର୍ବତନ ବିତ୍ତ ନିର୍ଦ୍ଦେଶକ, କବି,କୁଳମଣି ବିଶ୍ୱକ୍ଷଳ ପ୍ରମୁଖ ମଂଚ଼ାସୀନ ଅତିଥି ଭାବେ ଯୋଗଦେଇ ନିଜ ନିଜର ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ. ସଭାରେ ସଭାପତିତ୍ୱ କରୁଥିବା ଶ୍ରୀ ନୀଳାଚ଼ଳ ସେବା ର ସମ୍ପାଦକ ରବୀନ୍ଦ୍ର ପ୍ରଧାନ କହିଥିଲେ ରାଜ୍ୟ ଓ଼ ରାଜ୍ୟ ବାହାରେ ଓଡିଶା ର ଅନେକ ପ୍ରତିଭାମାନ ବ୍ୟକ୍ତି ଙ୍କ ପ୍ରତିଭା ଆଜି ରାଜ୍ୟ ଓ଼ ରାଜ୍ୟ ବାହାରେ ବେଶ ପ୍ରଥୀଷ୍ଠା ଲାଭ କରିଛି. ସେମାନଙ୍କୁ ସବୁ ସ୍ତରରୁ ଉତ୍ସାହିତ କରାଯିବା ଦରକାର.ଓଡିଶା ର ପାଞ୍ଚ ଜଣ ମହାନ ପ୍ରତିଭଧାରୀ ବ୍ୟକ୍ତି ଙ୍କୁ ସେମାନଙ୍କର ନୀରିବିଛିନ୍ନ ସାଧନା କୁ ସମ୍ମାନ ଜଣାଇ ଆଜି ଏଠାରେ ସମ୍ବର୍ଦ୍ଧିତ କରା ଯାଇଛି. ମହାପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତ ଙ୍କ ଦୀର୍ଘ ନିରାମୟ ଜୀବନ କରନ୍ତୁ ବୋଲି କହିଥିଲେ. ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଥିବା ବିଭିନ୍ନ ଓଡ଼ିଆ ସଂଗଠନ ର ପ୍ରମୁଖ କର୍ମକର୍ତ୍ତା ମାନେ ମଂଚ଼ାସୀନ ଅତିଥି ମାନଙ୍କୁ ପୁଷଗୁଚ଼୍ଛ, ଉତ୍ତରୀୟ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ. ଏହି ଭବ୍ୟ ଉତ୍ସବ ରେ ବହୁ ଦୂର ଦୁରାନ୍ତ ରୁ ବାବା ଙ୍କ ଭକ୍ତ, ଶ୍ରଦ୍ଧାଳୁ, ପ୍ରବାସୀ ଓଡ଼ିଆ ସଂଗଠନ ର କର୍ମକର୍ତ୍ତା ଓ଼ ସେମାନଙ୍କର ପରିବାର ସଦସ୍ୟ ଏଥିରେ ଯୋଗ ଦେଇଥିବା ଦେଖା ଦେଇଥିଲା. ଶ୍ରୀ ନୀଳାଚ଼ଳ ସେବା ସଙ୍ଘ ପକ୍ଷରୁ ଉପ ସଭାପତି ଗଜେନ୍ଦ୍ର ପ୍ରସାଦ ସାମନ୍ତ, ଯୁଗ୍ମ ସଚ଼ୀବ ଅଶୋକ ପ୍ରଧାନ, ଜିତେନ୍ଦ୍ର ମହାପାତ୍ର,ସଦସ୍ୟ ଦିଲ୍ଲୀପ ସ୍ୱାଇଁ, କ୍ଷୀରୋଦ ପାତ୍ର, ଅଶୋକ ପ୍ରଧାନ, ଅଭିରାମ ସୁତାର ପ୍ରମୁଖ ବାବା ଙ୍କୁ ପୁଷଗୁଚ଼୍ଛ ପ୍ରଦାନ କରିଥିଲେ. କାର୍ଯ୍ୟକ୍ରମ କୁ ସ୍ୱର୍ଣ୍ଣପ୍ରଭା, ଓ଼ ନରେନ୍ଦ୍ର ବର ସଂଚ଼ାଳନ କରିଥିଲେ.


ADMISSION OPEN
MAHARISHI PUBLIC SCHOOL
STD-I TO V
25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY





FIND THE DIFFERENCE
- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES

MAHARISHI PLAY SCHOOL
PLAYGROUP (2+), NURSERY (3+), LKG, UKG, STD I TO V
N-4/F-24, IRC VILLAGE, NAYAPALLI, BHUBANESWAR - 751015
PH : (0674) 2558884 2550786, 9348320060
E-mail : maharishipublic13@gmail.com, Website : www.maharishipublicschool.com



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray